୬ ▶ ପାକିସ୍ତାନ ଖେଳାଳିଙ୍କ ଆଚରଣ ନେଇ ଅଭିଯୋଗ କଲା ବିସିସିଆଇ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୩୯ ● ୨୬ ସେପ୍ଟେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-239 ● 26th September 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଅଳିଆରୁ ପ୍ରସ୍ତୁତ ହେବ ଏନର୍ଜି ଆଉ କୋଇଲା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୯**

**ନ୍ୟୁଜ୍ ବ୍ୟୁରୋ**

ଅଳିଆରୁ ଏନର୍ଜି ଆଉ କୋଇଲା ପ୍ରସ୍ତୁତ ହେବ। ଗୁରୁବାର ଏଭଳି କିଛି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏନେଇ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବିଏମସି ପକ୍ଷରୁ ପୁରୁଣା ଭୁବନେଶ୍ୱରରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ।



ଏହାସହ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ କିଭଳି ଏକ ନମ୍ବର ମାନ୍ୟତା ମିଳିବ ସେ ଦିଗରେ ଭୁବନେଶ୍ୱର ମହାନଗର ନିଗମ ଆହୁରି ତତ୍ପର ହୋଇ କାମ କରିବାର ଆବଶ୍ୟକତା ଥିବା ସୂଚନା ଦେଇଛନ୍ତି। ଭୁବନେଶ୍ୱର କର୍ପୋରେସନ ଅଞ୍ଚଳରୁ ପ୍ରତିଦିନ ୮୦୦ ଟନ ଅଳିଆ ବାହାରୁଛି। ଯେଉଁଥିରେ ୪୦୦ ଟନ ଓଦା ଏବଂ ୩୯୦ ଟନ ପାଖାପାଖି ଶୁଖିଲା ଅଳିଆ ବାହାରୁଛି। ଯାହାକୁ ବିଭିନ୍ନ ପଦ୍ଧତିରେ ଡି ସେଣ୍ଟ୍ରାଲାଇଜଡ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏସଏଚଜି *(ପୃଷ୍ଠା ୭ରେ)*

# ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ଚାଲିଗଲା ୬ ଜୀବନ

**କୋଇଡା, ୨୫।୯**

**ନ୍ୟୁଜ୍ ବ୍ୟୁରୋ**

ଚାଲିଛି ପାର୍ବଣର ଦିନ ଆଉ ପୂଜା ପୂର୍ବରୁ ଘଟିଲା ଭୟଙ୍କର ଦୁର୍ଘଟଣା, ଗୁରୁବାର ସକାଳ ଠିକ୍ ୧୦.୩୦ ଘଟିକାରେ ରାଉରକେଲା ରୁ କୋଇଡା ଆଭିମୁଖେ ଆସୁଥିବା ଏକ ଘରୋଇ 'ଲିଙ୍ଗରାଜ' ବସ୍ ଓଡି୨୩ସି୮୭୭୭ ୫୨୦ ନମ୍ବର ଜାତୀୟ ରାଜପଥ ରକ୍ସି ନିକଟରେ ରାସ୍ତା ଜାମ୍ ଲାଗି ରହିଥିବାରୁ କେବଲାଙ୍ଗ ଥାନା ଛକ ନିକଟରୁ ରାସ୍ତାର ବିପରୀତ ଦିଗରେ ଯାଉଥିଲା, ଅନ୍ୟପଟେ କୋଇଡା ଖଣିରୁ ଲୁହାପଥର ଲୋଡ୍ କରି ଏକ ଟ୍ରକ୍ ସିଜି୨୨ଏଏଫ୍୯୨୭୩ କ୍ଷୀପ୍ର ଗତିରେ ଆସୁଥିବା ବେଳେ ଜୋର୍‌ରେ ମୁହାଁମୁହିଁ ଧକ୍କା ହୋଇଥିଲା । ଆଉ ଭୟଙ୍କର ଦୁର୍ଘଟଣା ପରେ ଚିତ୍କାରରେ ଫାଟି ପଡୁଥାଏ ବସ୍ କିନ୍ତୁ ବାହାରିବା ବାଟ *(ପୃଷ୍ଠା ୭ରେ)*




## ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୨୫।୯ : ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣାରେ ମୃତକମାନେ ହେଲେ କରମପାଲ ସିଂ, ଶବର ବଳ , ପୁଷ୍ପା ଗୋପୀ , ସତ୍ୟଭାମା ଠାକୁର ଏବଂ *(ପୃଷ୍ଠା ୭ରେ)*

## କେବଳ ସ୍ୱଚ୍ଛ ଶକ୍ତିରେ ଅଗ୍ରଣୀ ଦେଶମାନେ ଏକବିଂଶ ଶତାବ୍ଦୀରେ ସଫଳ ହେବେ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୫।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ରାଜସ୍ଥାନର ବାଂସୱାଡ଼ାରୁ ଦେଶବ୍ୟାପୀ ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧.୨୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଯୋଜନା ଆରମ୍ଭ କରି ସେଗୁଡ଼ିକୁ 'ଉର୍ଜା ଶକ୍ତି' ପାଇଁ ଉତ୍ସର୍ଗୀକୃତ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀରେ, ଦେଶଗୁଡ଼ିକୁ ବିକାଶ ପାଇଁ ସେମାନଙ୍କର ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି କରିବାକୁ ପଡିବ। କେବଳ ସ୍ୱଚ୍ଛ ଶକ୍ତିରେ ଅଗ୍ରଣୀ ଦେଶମାନେ ଏଥିରେ ସଫଳ ହେବେ। ଏହି ଦିଗରେ, ତାଙ୍କ ସରକାର ସ୍ୱଚ୍ଛ ଶକ୍ତି ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରି ଆଗକୁ ବଢ଼ାଉଛନ୍ତି।

ପ୍ରଧାନମନ୍ତ୍ରୀ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ କହିଥିଲେ ଯେ ବିଦ୍ୟୁତ୍ ହେଉଛି ଆଜିର ଯୁଗରେ ବିକାଶର ମେରୁଦଣ୍ଡ। ଦେଶର ସର୍ବବୃହତ ପ୍ରକଳ୍ପ ମଧ୍ୟରୁ ଗୋଟିଏ, ମାହି ବଂଶୱାରା ରାଜସ୍ଥାନ ପରମାଣୁ ଶକ୍ତି ପ୍ରକଳ୍ପର ଶିଳାନ୍ୟାସ ବାଂସୱାରାରେ କରାଯାଇଥିଲା, ଯେଉଁଥିରେ ପ୍ରାୟ ୪୨,୦୦୦ କୋଟି ଖର୍ଚ୍ଚ ହୋଇଥିଲା। ଏଥିରେ ଚାରୋଟି ସ୍ୱଦେଶୀ ୭୦୦ ମେଗାୱାଟ୍ ରିଆକ୍ଟର ରହିବ।

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ରାଜସ୍ଥାନ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ରାଜସ୍ଥାନରେ ଫଲୋଡି, ଜୈସଲମେର, ଜାଲୋର ଏବଂ ସିକରରେ ସୌର ପ୍ରକଳ୍ପ ଆରମ୍ଭ କରାଯାଇଥିଲା।

## ମାମଲା ନୁହେଁ, ଆଲୋଚନା ହିଁ ସମାଧାନର ବାଟ

**ଭୁବନେଶ୍ୱର, ୨୫।୯**

**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଜଳ ବିବାଦକୁ ନେଇ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ରଖିଛନ୍ତି ଏଜି ପିତାମ୍ବର ଆଚାର୍ଯ୍ୟ। ସେ କହିଛନ୍ତି ମହାନଦୀକୁ ନେଇ କୃତ୍ରିମ ବିବାଦ ସୃଷ୍ଟି କରାଯାଇଥିଲା। ଦାମୀ ଓକିଲ ପୋଷିବାକୁ ଯୋଜନା କରାଯାଇଥିଲା। ବିଜେପି ସରକାର ଆସିବା ପରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ପ୍ରୟାସ କରାଯାଉଛି ଏବଂ ସମସ୍ୟାର ସମାଧାନ ହେବ ବୋଲି ଆଶା



କରାଯାଉଛି। ଏପରି ମାମଲା ଅଦାଲତ ଲଢ଼େଇରେ ସମାଧାନ ହୁଏନି। ଉଭୟ ପକ୍ଷ ଏକାଠି ବସି ଆପୋଷ ବୁଝାମଣାରେ ସମାଧାନ ହୁଏ । ଦେଶରେ ଏପରି ମାମଲା ଅନେକ ଅଛି। ଯାହା ଅଦାଲତ ଲଢ଼େଇରେ ଜିତି ହୁଏ ନାହିଁ ।

## ଜଳ ଅଭାବୀ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ ମନରେଗା ପାଣ୍ଠିର ୬୫% ଖର୍ଚ୍ଚ କରାଯିବ



**ନୂଆଦିଲ୍ଲୀ, ୨୫।୯**

କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଗୁରୁବାର କୃଷି ଭବନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ମନରେଗା) ଅଧୀନରେ 'ଜଳ ସୁରକ୍ଷା ଉପରେ ଜାତୀୟ ପଦକ୍ଷେପ' ଆରମ୍ଭ କରିଛନ୍ତି। ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ଏବଂ ଗ୍ରାମୀଣ ବିକାଶ ବିଭାଗର ସଚିବ ଶୈଳେଶ କୁମାର ସିଂହ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ, କେନ୍ଦ୍ର ଏବଂ ରାଜ୍ୟର ବରିଷ୍ଠ ଅଧିକାରୀମାନେ, ଜିଲ୍ଲା କଲେକ୍ଟରଙ୍କ ସମେତ ଗ୍ରାମୀଣ ବ୍ଲକର ପ୍ରତିନିଧିମାନେ ଏବଂ ଜଳ ସଂରକ୍ଷଣ ସହିତ ଜଡିତ ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଭର୍ଚୁଆଲ୍ ଭାବରେ ଯୋଗ ଦେଇଥିଲେ।

ଶିବରାଜ ସିଂହ କହିଛନ୍ତି ଯେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମନରେଗା ଅଧୀନରେ ଜଳ ସୁରକ୍ଷାକୁ ଏକ ଜାତୀୟ ପ୍ରାଥମିକତା ଦେଇଛି, ଯାହା ଅଧୀନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ, ୨୦୦୫ ର ସୂଚୀକୁ ସଂଶୋଧନ କରି ଦେଶର ଜଳକ୍ଲିଷ୍ଟ ଗ୍ରାମୀଣ ବ୍ଲକଗୁଡ଼ିକରେ ଜଳ-ସମ୍ବନ୍ଧୀୟ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଏହି ଐତିହାସିକ ସଂଶୋଧନ ଅଧୀନରେ, ଗ୍ରାମୀଣ ବ୍ଲକଗୁଡ଼ିକରେ ଜଳ ସଂରକ୍ଷଣ ଏବଂ ସଂରକ୍ଷଣ କାର୍ଯ୍ୟ ପାଇଁ ବାଧ୍ୟତାମୂଳକ ସର୍ବନିମ୍ନ ଖର୍ଚ୍ଚ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶିବରାଜ ସିଂହ କହିଛନ୍ତି ଯେ ଭୂତଳ ଜଳ ସ୍ତର ନିରନ୍ତର ହ୍ରାସ ପାଉଛି। ବିଶ୍ୱରେ ଜଳ ଅଭାବ ଏକ ପ୍ରମୁଖ ସମସ୍ୟା।




31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ସେପ୍ଟେମ୍ବର ୨୦୨୫ ଶୁକ୍ରବାର





# ପାର୍ବଣରେ ଗଞ୍ଜାମ ଜିଲ୍ଲାରେ ଜୁଆ ଖେଳର ଆସର:ଜୁଆ ଆଡ୍ଡା ଉପରେ ଚଢଉ, ୯ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ପାର୍ବଣ ଋତୁରେ ସହରରୁ ଆରମ୍ଭ କରି ଗାଁ ଯାଏ ବ୍ୟାପକ ଜୁଆଖେଳ ଆରମ୍ଭ ହୋଇଯାଏ। ଗଣେଶ ପୂଜା ଠାରୁ ଦୀପାବଳୀ ଯାଏ ଏହି ଜୁଆ ଆଡ୍ଡା ସୃଷ୍ଟି ହୁଏ । ଲୋକେ ଜୁଆ ଖେଳି ସର୍ବ ସ୍ୱାନ୍ତ ହେବା ସହ ଏଥିରୁ ଚୋରି, ଡକାୟତ, ମାଡପିଟ୍ ଓ ହତ୍ୟା କାଣ୍ଡ ଭଳି ଘଟଣା ଘଟିବା ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜିଲ୍ଲାରେ ପୋଲିସ୍ ବିଭାଗ ପକ୍ଷରୁ ବ୍ୟାପକ ଧରପଗଡ଼ ଆରମ୍ଭ ହୋଇଯାଇଛି । ପୋଲିସ ବିଭିନ୍ନ ଜୁଆଆଡ୍ଡା ଉପରେ ଚଢଉ କରି ଜୁଆଡିଙ୍କୁ ଗିରିଫ କରୁଛି। ସେମାନଙ୍କ ଠାରୁ ବିପୁଳ ଟଙ୍କା ଜବତ କରୁଛି। ମୌଳାଭଣଜା ଗାଁରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଦିଗପହଣ୍ଡି ପୋଲିସ୍ ଚଢଉ କରି ୫ ଜଣ ଜୁଆଡିଙ୍କୁ ଗିରିଫ କରିବା ସହ ସେମାନଙ୍କ ଠାରୁ ୨୩୯୦୦ ଟଙ୍କା ଜବତ କରିଛି । ଠିକ୍ ସେହିଭଳି କରାପଲ୍ଲୀ ତୋଟାରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଗୋପାଳପୁର ଥାନା ପୋଲିସ ଚଢଉ କରି ୪ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୫୨୦୦ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଛି ।



# ୨୪ କିଲୋ ଗଞ୍ଜେଇ ଜବତ:ଆସାମୀ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଏକ ଟିମ୍ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ କେନାଲ୍ ରୋଡ଼ ଠାରେ ଚଢ଼ଉ କରି ୨୪ କିଗ୍ରା ଗଞ୍ଜେଇ ସହ ଗୋଟିଏ ଧଳା ମହିନ୍ଦ୍ରା ବୋଲେରୋକୁ ଜବତ କରି ପାଞ୍ଚ ଜଣ ଆସାମୀଙ୍କୁ ଗିରଫ କରିଛି। ଗିରଫ ଆସାମୀମାନେ ହେଲେ ଲିଟୁ ସ୍ୱାଇଁ (୨୮), ବିନୋଦ ସେଠୀ (୩୪), ପ୍ରମୋଦ ପାତ୍ର (୩୦), ଚନ୍ଦନ ପାତ୍ର (୨୫) ଓ ଅଜୟ ମୁଳିଆ (୩୫) ବୋଲି ଜଣାପଡିଛି। ଉକ୍ତ ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଧିରେନ କୁମାର ବେହେରା, ଅବକାରୀ ଏଏସ୍ଆଇ କିଶୋର ରାଉତ, ଅବକାରୀ କନେଷ୍ଟବଳ ସଂଜୟ ଦାସ, ଅବକାରୀ କନେଷ୍ଟବଳ ପ୍ରକାଶ ସତପଥି, ଅବକାରୀ ମହିଳା ସିପାହୀ ସୁନାବତୀ ବରିହା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜବତ ଗଞ୍ଜେଇ ବରଗଡ଼ ଜିଲ୍ଲାର ପଦ୍ମପୁର ଅଞ୍ଚଳରୁ ଚାଲାଣ ହେଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

# ଏମ୍‌କେସିଜି ବିପଦସଙ୍କୁଳ କୋଠାରେ ଚାଲିଛି ଅଫିସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍‌ର ବହୁ ପୁରୁଣା ତଥା ଅସୁରକ୍ଷିତ ଘୋଷିତ ଇନ୍‌ଡ୍ରୋର୍ କୋଠାକୁ ବେନିୟମ ଭାବେ କିଛି ସଂସ୍ଥା ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ମେଡ଼ିକାଲ୍ ପ୍ରତିଷ୍ଠା ସମୟରେ ନିର୍ମାଣ ହୋଇଥିବା ବହୁତଳ ବିଶିଷ୍ଟ ଏହି ପୁରୁଣା ଇନ୍‌ଡ୍ରୋର୍ କୋଠାକୁ ବିପଦଶଙ୍କୁଳ ତଥା ଅସୁରକ୍ଷିତ ବୋଲି ଦୀର୍ଘ ୩ ବର୍ଷ ପୂର୍ବରୁ ପୂର୍ତବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଫଳରେ ନୂତନ ଇନ୍‌ଡ୍ରୋର୍ ପ୍ରତିଷ୍ଠା କରାଯାଇ ପୁରୁଣା ତଥା ଅସୁରକ୍ଷିତ କୋଠାକୁ ଖାଲି କରାଯାଇଥିଲା । ଉକ୍ତ କୋଠାକୁ ସମ୍ପୂର୍ଣ୍ଣ ଭାଙ୍ଗି ସେଠାରେ ନୂତନ କୋଠା ନିର୍ମାଣ କରିବା ପାଇଁ ମଧ୍ୟ ନିଷ୍ପତି ହୋଇସାରିଛି । ତେବେ ପୁରୁଣା କୋଠାକୁ ଭାଙ୍ଗିବା ପାଇଁ ବହୁଥର ଉଚ୍ଚସ୍ତରୀୟ ବୈଠକ ବସିବା ସହିତ ଏକାଧିକ ଥର ସରକାରୀ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଯାଇଛି । ତେବେ ସରକାରୀ ଅନୁମୋଦନ ହାସଲରେ ବିଳମ୍ବ ଘଟୁଥିବାରୁ ପୁରୁଣା ତଥା ଅସୁରକ୍ଷିତ କୋଠାକୁ



ଭାଙ୍ଗିବା ସମ୍ଭବପର ହେଉନାହିଁ । ଏଭଳି ପରିସ୍ଥିତିରେ ଅସୁରକ୍ଷିତ ପୁରୁଣା ଇନ୍‌ଡ୍ରୋର୍ କୋଠାଟି ଭୂତକୋଠି ଭଳି ପ୍ରତୀୟମାନ ହେଉଛି । ତେବେ ଏହି ଅସୁରକ୍ଷିତ କୋଠାରେ କେତେବେଳେ ଯେ କିଛି ଅଘଟଣ ଘଟିବନାହିଁ ଏହା କହିବା ମୁସ୍କିଲ୍ ହୋଇପଡ଼ିଛି । କାରଣ ଅସୁରକ୍ଷିତ ଘୋଷଣା ସତ୍ତ୍ୱେ ଏହି କୋଠାର ପଛଭାଗରେ ଏକାଧିକ ପ୍ରକୋଷ୍ଟକୁ କିଛି ଆଉଟ୍‌ସୋର୍ସିଂ ସଂସ୍ଥା ବେନିୟମ ଭାବେ ଅର୍ଥାତ୍ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବ୍ୟବହାର କରି ନିଜର ଅଫିସ୍ ଓ ଷ୍ଟୋର୍ ରୁମ୍ କରିଥିବା ଦେଖିବାକୁ ମିଳିଛି । ସବୁଠାରୁ ବଡ଼ କଥା ହେଲା ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ସୁରକ୍ଷା ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ନିଜର କାର୍ଯ୍ୟାଳୟ ସେଠାରେ ଖୋଲିଥିବା ଦେଖିବାକୁ ମିଳିଛି । ଫଳରେ ପ୍ରତ୍ୟହ ୩ଟି ସିଫ୍ଟରେ ଶହ ଶହ ସୁରକ୍ଷାକର୍ମୀ ନିଜର ହାଜିରା ଦେବାକୁ ଉକ୍ତ ଅସୁରକ୍ଷିତ କୋଠାକୁ ଆସୁଛନ୍ତି । ଏଣୁ କେତେବେଳେ ଯେ ଉକ୍ତ ବହୁ ପୁରୁଣା ତଥା ବିପଦଶଙ୍କୁଳ କୋଠା ଭୁଷୁଡ଼ି ପଡ଼ିବ ଓ କିଛି ଅଘଟଣ ନଘଟିବ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏନେଇ ମେଡ଼ିକାଲ୍ କ୍ୟାମ୍ପସ୍‌ର ପୂର୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ତାପସ ଦାଶଙ୍କ କହିବା କଥା ଉକ୍ତ କୋଠା ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କର ଅଧୀନରେ ରହିଛି । ଏହାକୁ ପ୍ରାୟ ୩ ବର୍ଷ ପୂର୍ବେ ଅସୁରକ୍ଷିତ ଘୋଷଣା କରାଯାଇ ଖାଲି କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସୂଚନା ଫଳକ ମଧ୍ୟ ଲଗାଯାଇଛି । ଏଣୁ ଉକ୍ତ କୋଠାକୁ କିଏ ବ୍ୟବହାର କରୁଛି ଅଥବା ନାହିଁ ତାହା ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ଏବଂ ପୂର୍ତବିଭାଗର ନୁହେଁ । ଏନେଇ ଏମ୍‌କେସିଜି ମେଡ଼ିକାଲ୍ ଅଧିକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀଙ୍କ ସହ ଯୋଗାଯୋଗ କରାଯିବାରେ ସେ ଏନେଇ ଅଭିଯୋଗ ପାଇଥିବା କହିଛନ୍ତି । ଏବଂ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସୂଚନା ପାଇବା ପରେ ତୁରନ୍ତ ଉକ୍ତ କୋଠାକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ଉକ୍ତ କୋଠା ଖାଲି ନହେଲେ ସମ୍ପୃକ୍ତ ଘରୋଇ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପ୍ରଫେସର ଶ୍ରୀ ଶତପଥୀ ସ୍ପଷ୍ଟ କରିଛନ୍ତି ।

# ୧୦ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ:୨ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରା ଆର୍ ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଅଧକ୍ଷ ବିପ୍ର ମଣ୍ଡଳଙ୍କ ନେତୃତ୍ୱର ପଟ୍ଟାମୁଣ୍ଡାଇ ଟାଉନ୍ ଓ ରୁରାଲ୍ ଥାନା ଅଧିନସ୍ତ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ନିମପୁର ଗ୍ରାମର ରାଜେଶ କୁମାର ସେଠୀଙ୍କ ପାଖରୁ ୫୦ ଗ୍ରାମ୍ ବ୍ରଉନ୍ ସୁଗାର ଓ ପଟ୍ଟାମୁଣ୍ଡାଇ ନଗରପାଳିକା ୱାର୍ଡ ନମ୍ବର–୧୩ ଅଞ୍ଚଳର ଶେଖାୱାତ ଅଲି ଖାନଙ୍କ ପାଖରୁ ୪୬ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ



ଚାଲାଣ କରାଯାଇଛି । ଜବତ ହେଇଥିବ ବ୍ରାଉନ୍ ସୁଗାରର ମୂଲ୍ୟ ପାଖ ପାଖି ୯.୬ ଲକ୍ଷ ହେବ ବୋଲି ଆକଳନ କରାଯାଉଛି । ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଧର୍ମପଦ ଦାସ, ସହାୟକ ଉପ ନିରୀକ୍ଷକ ସୁନୀଲ କୁମାର ମିଶ୍ର, ଟୁକୁନା ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

# ଜଗବନ୍ଧୁ ମାଝୀ ହତ୍ୟାକାଣ୍ଡ ଘଟଣା:ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କଲେ ସୁବାସ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଗୋନାରେ ସହିଦ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଗୋନା ଠାରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀଙ୍କୁ ସ୍ୱାଗତ କରିବା ସହ ଏକ ଶୋଭାଯାତ୍ରାରେ ଜଗବନ୍ଧୁ ମାଝୀଙ୍କ ସହିଦ ସ୍ତମ୍ଭ ନିକଟକୁ ଅଞ୍ଚଳବାସୀ ଏବଂ ବିଜେଡିର ଶତାଧିକ ମହିଳା ଏବଂ ପୁରୁଷ କର୍ମୀ ଯାଇ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସଭାସ୍ଥଳକୁ ଯାଇଥିଲେ । ସେଠାରେ ବାହାରୁ ଆସିଥିବା ଅତିଥିମାନେ ଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ପୂର୍ବତନ ଉମରକୋଟ ବିଧାୟକ ତଥା ବର୍ତ୍ତମାନ ବିଜେଡିର ବ୍ଲକ ସଭାପତି ସୁବାସ ଗଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉମରକୋଟ ମ୍ୟୁନିସିପାଲିଟି ଚେୟାରମ୍ୟାନ ରାଧା ଭଦ୍ରା, ଉମରକୋଟ ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀନୀ ନବୀନା ନାୟକ, ସମାଜ ସେବୀ କାଜମ ମଦାନୀ, କୌଶଲ୍ୟା ପ୍ରଧାନୀ, ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝୀ, ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ତେନ୍ତୁଳୀଖୁଣ୍ଟି ଜିଲ୍ଲା ପରିଷଦ ସଭ୍ୟା କୃଷ୍ଣା ମଞ୍ଜରୀ ବିଶୋଇ, ପୂର୍ବତନ ଏସ୍‌ଡିସି ଅଧକ୍ଷ ଉପେନ୍ଦ୍ର ଗଣ୍ଡ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝଙ୍କାର, ଶୁକଦେବ ଗଣ୍ଡଙ୍କ ସମେତ ରାଇଘର ୨୬ଟି ପଞ୍ଚାୟତର ସମିତି ସରପଞ୍ଚମାନେ ଉପସ୍ଥିତ ଥିଲେ । ଏହି ସହିଦ ଦିବସରେ ଜିଲ୍ଲା ସ୍ତରରୁ ନେଇ ରାଜ୍ୟସ୍ତର ନେତାମାନଙ୍କୁ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମ କରିଥିବା ନେଇ ନୂତନ ଭାବେ ବ୍ଲକ





ସଭାପତି ଦାୟିତ୍ୱ ନେଇଥିବା ସୁବାସ ଗଣ୍ଡଙ୍କ ଏକ ପ୍ରକାର ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ ବୋଲି ଅଞ୍ଚଳରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ବିଜେଡି ସରକାର ସମୟରେ ନିଜ ଦଳର ନେତୃତ୍ୱ ନେଉଥିବା ସ୍ୱର୍ଗତ ବିଧାୟକ ଜଗବନ୍ଧୁ ମାଝୀ ହତ୍ୟାକାଣ୍ଡକୁ ୧୪ ବର୍ଷ ପୂରିଛି। ପ୍ରତିବର୍ଷଭଳି ବୁଧବାର ଗୋନା ହାଟପଦା ଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ହତ୍ୟାକାଣ୍ଡକୁ ୧୪ ବର୍ଷ ବିତିଯାଇଥିବା ବେଳେ ସେପ୍ଟେମ୍ବର୨୪ ତାରିଖ ଗୋନା ହାଟପଦାରେଥିବା ଶହୀଦ ସ୍ତମ୍ଭରେ ସ୍ମୃତି ଶୋଭା ଆୟୋଜନ ହେଉଛି। ଘଟଣାପଛରେ କାହାର ହାତ ରହିଛି ଆଜିପର୍ଯ୍ୟନ୍ତ ତଦନ୍ତ ଫାଇଲ୍ ଅଟକି ରହିଥିବା ବେଳେ ତାହା ଉନ୍ମୋଚିତ ହେବା ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଆସିବା ପରେ ବହୁ ଚର୍ଚ୍ଚିତ ବିଧାୟକ ଜଗବନ୍ଧୁ ମାଝୀ ହତ୍ୟାକାଣ୍ଡ ଫାଇଲ୍ ଖୋଲିବ କି ବୋଲି ଚର୍ଚ୍ଚା ହେଉଛି । ସ୍ୱର୍ଗତ ମାଝୀ ୧୯୯୯ ଓ ୨୦୦୦ ମସିହାରେ ଗ୍ରାମାଞ୍ଚଳର ବିକାଶ ଓ ଆଦିବାସୀଙ୍କ ପରମ୍ପରାକୁ ବଜାୟ କରି ଲୋକଙ୍କୁ ଏକତ୍ରୀତକରି ସଂଗ୍ରାମ ଆରମ୍ଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଉମରକୋଟ ଠାରେ ଦଳିତ ସମାଜର ଜନତାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇ ୨୦୦୯ ସାଧାରଣ ନିର୍ବାଚନରେ ବିଜୟଲାଭ କରିଥିଲେ । କିନ୍ତୁ ୨୦୧୧ ମସିହା ସେପ୍ଟେମ୍ବର ୨୪ ତାରିଖରେ ଆଦିବାସୀମାନଙ୍କୁ ଜମି ପଟ୍ଟା ବଣ୍ଟନ ପାଇଁ ରାଇଘର ବ୍ଲକ ଅନ୍ତର୍ଗତଗୋନା ହାଟପଦା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇ ଜଣ ଆତତାୟୀ ବିଧାୟକଙ୍କ ଉପରକୁ ଆଖିବୁଜା ଗୁଳିଚଳାଇ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ବିଧାୟକ ଜଗବନ୍ଧୁଙ୍କ ସହତାଙ୍କ ଅଙ୍ଗରକ୍ଷୀ ପ୍ରଶାନ୍ତ ପାତ୍ର ମଧ୍ୟ ଶହୀଦ ହୋଇଥିଲେ । ତତ୍କାଳୀନ ସରକାରଙ୍କ ଅମଳରେ ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ଦିଆଯିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ହତ୍ୟାକାଣ୍ଡରେ ନକ୍ସଲଙ୍କ ସଂପୃକ୍ତି ଥିବା ସୂଚନା ଦେବା ସହ କ୍ରାଇମ୍‌ବ୍ରାଞ୍ଚ ଦୁଇ ଜଣଙ୍କ ସ୍କେଚ୍ ଜାରୀ କରିବା ସହ ସେମାନଙ୍କ ସମ୍ପର୍କରେ ସୂଚନାଦାତାଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା ।

# ସମସ୍ତ ସ୍ୱାସ୍ଥ୍ୟ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପରିଷଦ, ଅଧକ୍ଷା, ଦେବକୀ ସାହୁଙ୍କ ଅଧକ୍ଷତାରେ ଡିଏଫ୍‌ଓ କାର୍ଯ୍ୟାଳୟର ସଭାଗୃହ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ଉପସଭାପତି ତଥା ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର, ନିର୍ବାହୀ ଅଧିକାରୀ–ତଥା–ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ । ସଭାରେ ସମ୍ବୋଧିତ କରି ଶ୍ରୀମତୀ ସାହୁ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଉପସ୍ଥିତ ଥିବା ସଦସ୍ୟ ଓ ଅଧିକାରୀ ମାନଙ୍କୁ ଅଭାବି ଲୋକଙ୍କୁ ସେମାନଙ୍କର ସର୍ବୋତ୍ତମ ସେବା ପ୍ରଦାନ କରିବାକୁ ଆହ୍ୱାନ୍ କରିବା ସହିତ ଆଶା ପ୍ରକାଶ କରିଥିଲେ ଯେ ଗ୍ରାମାଞ୍ଚଳରେ ସଚେତନତା ଶିବିର ଆୟୋଜିତ କରି ପ୍ରଶାସନିକ ଅଧିକାରୀ, ଚିକିତ୍ସା ଅଧିକାରୀ ଏବଂ ପିଆରଆଇ ସଦସ୍ୟଙ୍କ ମିଳିତ ପ୍ରୟାସ ଜିଲ୍ଲାର ସାମଗ୍ରିକ ସ୍ୱାସ୍ଥ୍ୟ ସେବା ପରିସ୍ଥିତିକୁ ଉନ୍ନତ କରିବାରେ ବହୁତ ସାହାଯ୍ୟ କରିପାରିବ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଭିତ୍ତିଭୂମିର ଉନ୍ନତି ପାଇଁ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଯଥା ସମ୍ଭବ ଶୀଘ୍ର ସମାପ୍ତ କରାଯିବା ଉପରେ ସଭାପତି ଏବଂ ଜିଲ୍ଲାପାଳ ଉଭୟେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ବୈଠକରେ ମ୍ୟାଲେରିଆ, ଡେଙ୍ଗୁ, ଲେପ୍ରୋସି, ଯକ୍ଷ୍ମା, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଛୋଟ ଶିଶୁ ମାନଙ୍କର ଗ୍ରହଣଖଣ୍ଡିଆ, ହୃଦ ସମସ୍ୟା, ଆୟୁଷ୍ମାନ୍ କାର୍ଡ ସମ୍ବନ୍ଧୀୟ ଚାଲୁଥିବା ଯୋଜନା, ସଫଳତା ଏବଂ ପ୍ରସ୍ତାବ ଗୁଡିକ ଉପରେ ଏକ ଉପସ୍ଥାପନା ଓ ଆଲୋଚନା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂତନ ଚିକିତ୍ସାଳୟ, ଜିଲ୍ଲାର ସମସ୍ତ ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ସବୁଗୁଡ଼ିକର ନବ ନିର୍ମାଣ କୋଠା କିମ୍ବା ମରାମତି ସମସ୍ତ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ନିର୍ମାଣର ଅଗ୍ରଗତି, ସମସ୍ୟା, ଟେଣ୍ଡର ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇ, ବୈଠକରେ ଉପସ୍ଥିତ ଏନ୍.ଏଚ୍.ଏମ୍., ଆର୍.ଡି., ପି.ଡବ୍ଲ୍ୟୁ.ଡି. ଆଦି ବିଭାଗୀୟ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା । ସଂପୃକ୍ତ ଅଧିକାରୀମାନେ ଗୁରୁତ୍ୱର ସହ କାମ କରନ୍ତୁ ବୋଲି ଜିଲ୍ଲା ପରିଷଦ ସଭାପତି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ସ୍ୱାସ୍ଥ୍ୟସେବା ପ୍ରଦାନରେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଆବାସିକ ବିଦ୍ୟାଳୟ ମାନଙ୍କରେ ଗୁଟ୍‌କା, ପାନ ମସଲା ସମ୍ବନ୍ଧୀୟ ରୋଗ ବିଷୟରେ ଛାତ୍ରଙ୍କୁ ସଚେତନତା କରାଇବା, ଜିଲ୍ଲାରେ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ଗୁଡିକର ସମ୍ପୂର୍ଣ୍ଣ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଅଧିକ୍ଷକ, ଉପଖଣ୍ଡ ଚିକିତ୍ସାଳୟ ଓ ସିଏଚ୍‌ସିର ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଥାନା ଗାଡି ଦୁର୍ଘଟଣା:୩ ପୋଲିସ ଅଧିକାରୀ ଗୁରୁତର



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଗାଡି ଦୁର୍ଘଟଣାଗ୍ରସ୍ତ। ତିନି ପୋଲିସ ଅଧିକାରୀ ଗୁରୁତର। ଜଗଦଲପୁର ଥାନାର ଚାରିଜଣ ପୋଲିସ କର୍ମଚାରୀ ଓ ଡ୍ରାଇଭର ସନ୍ଧ୍ୟା ପାଟ୍ରୋଲିଂ ଯିବା ସମୟରେ ଧଉରାଭଟା ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଥାନା ଗାଡି ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଉଥିବାରୁ ଏଭଳି ଦୁର୍ଘଟଣା ହୋଇଥିବା କୁହାଯାଇଛି । ଦୁର୍ଘଟଣା ପରେ ଡ୍ରାଇଭର ଫେରାର୍ ରହିଥିବା ବେଳେ ତିନିଜଣ ପୋଲିସ କର୍ମଚାରୀ ଗୁରୁତର ଅଛନ୍ତି । ଏଠି ପ୍ରଶ୍ନ ଉଠୁଛି ସାଧାରଣ ଜନତା ରାତିରେ ମଦ ପିଇ ଗାଡି ଚଳାଇଲେ ମୋଟା ଅଙ୍କର ପୋଲିସ ଫାଇନ୍ କାଟୁଥିବା ବେଳେ ଖୋଦ୍ ନିଜେ ପୋଲିସ ମଦ ପିଇ ଦୁର୍ଘଟଣା ହୋଇଥିବା ବେଳେ ପୋଲିସ ପ୍ରଶାସନକୁ କିଏ ଫାଇନ୍ କରିବ ସାଧାରଣରେ ଚର୍ଚ୍ଚା ହେଉଛି ।

# ପାରମ୍ପରିକ କୁମ୍ଭକାରଙ୍କ ସଶକ୍ତିକରଣ ପାଇଁ ବିକାଶମୂଳକ ପଦକ୍ଷେପ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର, ଓର୍ମାସ, ବାଲେଶ୍ୱର ଏବଂ ଟାଟା ପାୱାର ର ସିଏସ୍ଆର୍ ସହଯୋଗରେ ରେମୁଣା ବ୍ଲକ୍‌ର ଗୁଡୁଦା ଗ୍ରାମରେ ପାରମ୍ପରିକ କୁମ୍ଭ କଳାକାରଙ୍କୁ ସଶକ୍ତ କରିବା ପାଇଁ ଏକ ବିକାଶମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି କୁମ୍ଭକାର ମାନଙ୍କୁ ଆଧୁନିକ କୌଶଳ, ଉପକରଣ, ବଜାର ସୁଯୋଗ ସ୍ଥିର ଜୀବିକା ସୃଷ୍ଟି କରିବା । କାର୍ଯ୍ୟକ୍ରମର ପ୍ରମୁଖ ଅଂଶଗୁଡିକ ମଧ୍ୟରେ ହ୍ୱିଲ୍ ଥ୍ରୋଇଂ କର୍ମଶାଳା , ଫିନିସିଂ, ଗ୍ଲେଜିଂ ଓ କ୍ୱାଲିଟି କଣ୍ଟ୍ରୋଲ୍‌ର ଦକ୍ଷତା ସମ୍ପର୍କିତ ହସ୍ତକଳା କୌଶଳ ଶିବିର । ପ୍ରାରମ୍ଭିକ ସ୍ତରରେ କୋଡ଼ିଏଟି ମେସିନ୍ ଦିଆଯାଇଛି। ଉର୍ଜା–କ୍ଷମ କିଲ୍ନ ଓ ଆବଶ୍ୟକୀୟ ଉପକରଣ ଯୋଗାଇ କାର୍ଯ୍ୟକୁ





ସହଜ କରିବା ସମ୍ଭବ ହୋଇପାରିବ। ଡିଜାଇନ୍ କ୍ଲିନିକ୍ ମାଧ୍ୟମରେ ଉତ୍ପାଦକୁ ଆଧୁନିକ ଚାହିଦାନୁସାରେ ସଜାଇବା, କିନ୍ତୁ ପାରମ୍ପରିକତାକୁ ରକ୍ଷା କରିବା ସହିତ ପ୍ୟାକେଜିଙ୍ଗ, ଗୁଣସ୍ତର, ମୂଲ୍ୟ ନିର୍ଣ୍ଣୟ, ଡିଜିଟାଲ୍ କ୍ୟାଟାଲଗ୍ ଓ ବଜାର ସଂଯୋଗ (ସ୍ଥାନୀୟ ମେଳା ଓ ଇ–କମର୍ସ) ବିଷୟରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ସ୍ଥିର କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଓ କାରିଗର ସହକାରୀ ସମିତିଗୁଡିକର ଗଠନ ଓ ସୁଦୃଢ଼ୀକରଣ ଦ୍ୱାରା ସାମୂହିକ ଉତ୍ପାଦନ, କଞ୍ଚା ମାଲ୍ କ୍ରୟ ଓ ବଜାର ଦର ନିର୍ଣ୍ଣୟ ସୁବିଧା ପାଇବେ ବୋଲି ବୈଠକରେ ଗୁରୁତ୍ୱ ଆରୋପ କରାଗଲା। ଏହି କାର୍ଯ୍ୟକ୍ରମ ଗୁଡୁଦା ଓ ଚାରିପାଖର ୮୦ରୁ ୧୦୦ କୁମ୍ଭକଳାକାର ପରିବାରଙ୍କୁ ସିଧାସଳଖ ଲାଭାନ୍ୱିତ କରିବ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଏହି ପଦକ୍ଷେପ ପାରମ୍ପରିକ କାରିଗରଙ୍କ ପାଇଁ ଦୀର୍ଘକାଳୀନ ଆର୍ଥିକ ସୁଯୋଗ ସୃଷ୍ଟି କରିବ ବୋଲି ମତ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ସଞ୍ଜୟ ରାଉତ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେମୁଣା, ଉତ୍ତମ ଜେନା ଟିପିଏନ୍‌ଓଡିଏଲ୍‌ର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଓ ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ଓଡ଼ିଶାର ପାରମ୍ପରିକ ମାଟିର କଳାକୁ ପୁନର୍ଜୀବନ ଦେବା ସହିତ ପାରମ୍ପରିକ କାରିଗରଙ୍କ ସୁସ୍ଥିର ଜୀବିକା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

# ଚନ୍ଦକା ଅଞ୍ଚଳରୁ ଝରକା ତାଡ଼ି ଲୁଟିନେଲେ ଦୁର୍ବୃତ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ମାତିଲେ ଲୁଟେରା । ଝରକା ତାଡି ନେଇଗଲେ ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା । ଏଭଳି ଘଟଣା ଘଟିଛି ଭୁବନେଶ୍ୱର ଚନ୍ଦକା ଥାନା ଅଞ୍ଚଳରେ । ବ୍ୟବସାୟୀ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ଘରୁ ବିଳମ୍ବିତ ରାତିରେ ଲୁଟ୍ ହୋଇଛି । ଘର ପରିବାର ଉପର ମହଲାରେ ଶୋଇଥିବା ବେଳେ ତଳ ଘରୁ ଲୁଟି ନେଇଛନ୍ତି ଲୁଟେରା ।




# କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**


ବୌଦ୍ଧ ସହର ସ୍ଥିତ ଭୈରବୀ ମାର୍କେଟ୍ ଠାରେ କାଳୀପୂଜା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିପାଇଁ ସମସ୍ତ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ କର୍ତ୍ତାଭାବେ ରବୀନ୍ଦ୍ର କୁମାର ମହାକୁଳ ପୂଜାରେ ବସିଥିବାବେଳେ ପୂଜକ ଭାବେ ପଣ୍ଡିତ ସିବ ମିଶ୍ର ଓ ମିନୁ ପ୍ରସାଦ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଭୈରବୀ ମାର୍କେଟ୍‌ର ପୂଜା କମିଟିର ସଭାପତି ସୁବାସ ଚନ୍ଦ୍ର ପଣ୍ଡା, ସମ୍ପାଦକ କୈଳାସ ବେହେରାଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ


**ତା୨୬।୯।୨୦୨୫, ଆଶ୍ୱିନ ଦି୧୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୬।୨୭ସେକେଣ୍ଡ ଚନ୍ଦ୍ରୋଦୟ- ନାସ୍ତି**

**ଚତୁର୍ଥୀ-** ଦିଘ ୯।୩୬ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୧୦।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ୩।୨୩ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ୩।୨୩ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ମୂଳା ଦିଘ ୯।୩୩ ପରେ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଘ ୬।୨୭ ମଧ୍ୟେ । ଦିଘ ୧୨।୦୧ ଗତେ ଘ ୩।୧୭ ମଧ୍ୟେ । **ପର୍ବୋତ୍ସବ-** ନିତ୍ୟ ପଚଂମୀ, ମା' ବିରଜାଙ୍କ ପଚଂମୀ ହୋମ, ପଚଂମ୍ୟାଦି କଳ୍ପାରମ୍ଭ ।




**ମେଷ:** ଅନିୟମିତ କାର୍ଯ୍ୟକରି ଅପମାନିତ ହୋଇପାରନ୍ତି । ଯାତ୍ରାରେ ଅସନ୍ତୋଷ ହେବେ । ଭ୍ରମଣର ସୁଯୋଗ ମଧ୍ୟ ମିଳିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଆନନ୍ଦ । ଦେହ ଓ ମନ ଭଲ ରହିବ ।




**ବୃଷ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନିଧ ଲାଭ କରିବେ । ପିଲାମାନଙ୍କ ପାଇଁ ମନରେ କଷ୍ଟ ଆସିପାରେ । ରୋଜଗାର ଭଲ ହେବ । ପାରିବାରିକ ଶକ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ମିଥୁନ:** ପଢାଲେଖାରେ ଉନ୍ନତି ହେବ । କାର୍ଯ୍ୟ ହାସଲରେ ସକ୍ଷମ ହେବେ । ମାନସିକ ଅଶାନ୍ତି ଦେଖାଦେବ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଓ ଆନନ୍ଦ । ମନସ୍କାମନା ପୁରଣ ହେବ ।




**କର୍କଟ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଦୁଃସାଧ କାର୍ଯ୍ୟ ସାଧନ କରିବେ । ବନ୍ଧୁ ଆପଣଙ୍କ ଠାରୁ ଦୂରେଇଯିବେ । ଆୟରେ ଉନ୍ନତି ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମହିଳାମାନେ ସୁଖୀ ହେବେ ।




**ସିଂହ:** କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଲାଭ କରିବେ । ମଧ୍ୟାନ୍ନେ ଟେନ୍ସନ ଦୂର ହୋଇଯିବ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଗି ରହିବ । ଆୟ ପୂର୍ବପରି ସ୍ଥିର ରହିବ । ପରୋପକାରୀ ହେବେ ।




**କନ୍ୟା:** ବ୍ୟବସାୟରେ ଲାଭବାନ ହେବେ । ବନ୍ଧୁବାନ୍ଧବ ସହଯୋଗିତାରେ ମତଭାବ ଆଣିବେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । ରୋଜଗାରର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ସବୁକାର୍ଯ୍ୟ ସଫଳ ହେବ ।




**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଧନବାନ୍ ହେବେ । ପରିବାରରେ ଆନନ୍ଦ ଓ ଖୁସି ଲାଗି ରହିବ । ପିଲାମାନେ ପାଠ ପଢାରେ ମନ ଦେବେ । ଦେହ ଭଲ ରହିବ ।




**ବିଛା:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହୋଇପାରନ୍ତି । ଅଚିହ୍ନା ବ୍ୟକ୍ତିଙ୍କ କଥାରେ ଯିବେ ନାହିଁ । ମାନସିକ ଅଶାନ୍ତି ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେବ ।



**ଧନୁ:** ଆଜି ଆପଣ ଯେଉଁ କାର୍ଯ୍ୟ କରିବେ ତାହା ସମ୍ପୂର୍ଣ୍ଣ ହୋଇଯିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**ମକର:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶୁଭ ଖବର ପାଇବେ । ସୁସମ୍ପର୍କ ଖରାପ ହୋଇପାରେ । ଦେହ ଭଲ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଭ୍ରମଣ ଯୋଗ ଅଛି ବ୍ୟବସାୟରେ ଲାଭବାନ ହେବେ । ମନ ଅସ୍ଥିର ରହିବ । ପରିବାରରେ ସମସ୍ତେ ଖୁସିରେ ରହିବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ ।



**ମୀନ:** ସମାଜରେ ଲୋକ ସମ୍ପର୍କ ବଢିବ । ଆୟ ଓ ବ୍ୟୟ ସମାନ ରହିବ । ମାନସିକ ଅସ୍ଥିରତା ଲାଗି ରହିବ । ମାଲିମକଦ୍ଦମା ଯୋଗୁ ଚିନ୍ତା ହୋଇପାରେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୨୭।୯।୨୦୨୫, ଆଶ୍ୱିନ ଦି୧୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୬।୩୫ ଚନ୍ଦ୍ରୋଦୟ- ଦିଘ ୧୦।୦୩।୧୨**

**ପଞ୍ଚମୀ-** ଦିଘ ୧୨।୦୪ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୧।୦୭ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ, ପଣସ ଦିଘ ୧୨।୦୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୫ ଗତେ ଘ ୮।୩୮ ମଧ୍ୟେ । ଦିଘ ୧୨।୦୧ ଗତେ ଘ ୧।୦୭ ମଧ୍ୟେ । **ପର୍ବୋତ୍ସବ-** ପୀଠେ ଷଷ୍ଠ୍ୟାଦି କଳ୍ପ, ବିଶ୍ୱ ପର୍ଯ୍ୟଟନ ଦିବସ ।

୬

## ଭାରତ-ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜ୍ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୩୯ ● ୨୬ ସେପ୍ଟେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-239 ● 26th September 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

**ଝାରସୁଗୁଡ଼ା, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

ଦିନକ ପରେ ଅର୍ଥାତ୍ ୨୭ ତାରିଖରେ ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନ ସାଧାରଣଙ୍କୁ ସମ୍ବୋଧିତ କରିବେ। ଏହାକୁ ନେଇ ଗତ ୩ ଦିନ ହେବ ରାଜ୍ୟସ୍ତରୀୟ ଅଧିକାରୀ ଓ ମନ୍ତ୍ରୀଙ୍କ ଝାରସୁଗୁଡ଼ାରେ ସମୀକ୍ଷା ଚାଲିଥିବା ବେଳେ ଗୁରୁବାର ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଝାରସୁଗଡ଼ା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଭୁବନେଶ୍ୱରରୁ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅମଲୀ-ପାଲିସ୍ଥିତ ପଡ଼ିଆରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ହେବାକୁ ଥିବା କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଥିବା ଯୁବଗୋଷ୍ଠୀ ଓ ସାଧାରଣ ଲୋକେ ଯେଉଁଳି *(ପୃଷ୍ଠା ୭ରେ)*



## ସଭାସ୍ଥଳ ସ୍ଥିତି ପରଖିଲେ ପୁଲିସ ମହାନିର୍ଦ୍ଦେଶକ

**ଝାରସୁଗୁଡ଼ା, ୨୫।୯ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ା ଗସ୍ତରେ ଆସି ଅମଲୀପାଲିସ୍ଥିତ ପଡ଼ିଆରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରିବେ। ତେବେ ଏହାର ଅବ୍ୟବହିତ ପୂର୍ବରୁ ଗୁରୁବାର ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ସଭା ସ୍ଥଳରେ ପହଞ୍ଚି ସୁରକ୍ଷା ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।

ବିମାନ ବନ୍ଦରରୁ ନେଇ ସଭାସ୍ଥଳ ଯାଏଁ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ, କେଉଁଠି କ୍ୟାମେରା ଲାଗିବ, କେଉଁଠି ସଭାକୁ ଆସୁଥିବା ଲୋକଙ୍କ ଯାଞ୍ଚ ହେବ ସେନେଇ ଡିଜିପି ସମୀକ୍ଷା କରିଛନ୍ତି।

ଏହି ସମୀକ୍ଷା ବେଳେ *(ପୃଷ୍ଠା ୭ରେ)*

# ଆସୁଛି ବଡ଼ ବର୍ଷା : ୧୮ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆରସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**



ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗାମୀ ୧୨ ଘଣ୍ଟା ମଧ୍ୟରେ ଉତ୍ତର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଅବପାତରେ ପରିଣତ ହେବାର ସମ୍ଭାବନା ଅଛି ଏବଂ ୨୭ ତାରିଖ ସକାଳେ ଏହା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ଦେଇ ଅତିକ୍ରମ କରିବ। ଏହାର ପ୍ରଭାବରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ସହିତ ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି।

ସ୍ୱତନ୍ତ୍ର ରିଲିଫ୍ କମିଶନର ଗୁରୁବାର ଭିଡିଓ କନଫରେନ୍ସ ମାଧ୍ୟମରେ ୧୮ଟି ଜିଲ୍ଲା ଯଥା: ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ନୂଆପଡ଼ାର ଜିଲ୍ଲାପାଳମାନଙ୍କ ସହିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶିକା, ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଶେଷ ଭାବରେ ପ୍ରଭାବିତ ହେବାକୁଥିବା ଜିଲ୍ଲା କୋରାପୁଟ ଓ ମାଲକାନଗିରି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କର୍ମ କ୍ଷେତ୍ରରେ ରହି ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବା ପାଇଁ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଅଗ୍ନିଶମ ସେବା ଏବଂ ଓଡ୍ରାଫ ଦଳଗୁଡ଼ିକୁ ନିୟୋଜିତ କରିବା ସହିତ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର/ଅଧିକାରୀମାନଙ୍କୁ ଲୋକ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଡେନମାର୍କରେ ଅଜଣା ଡ୍ରୋନ୍‌ର ହାମଲା।
- ଚୀନର ଦକ୍ଷିଣ ସମୁଦ୍ରତଟରେ ଭୟାବହ ଝଡ଼ରେ ବନ୍ୟା।
- ହଂକଂର ଭୋଜନାଳୟକୁ ବନ୍ୟା ପାଣି ପ୍ରବେଶ।
- ମେଡିକାଲ୍ ଆସନ ବୃଦ୍ଧି ପାଇଁ ପନ୍ଦର ହଜାର କୋଟିର ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ।
- ଫ୍ରାନ୍ସରେ ବଜେଟ୍ ବିରୋଧରେ ବ୍ୟାପକ ଧର୍ମଘଟ, ଶତାଧିକ ଗିରଫ।
- ଉତ୍ତର ପ୍ରଦେଶରେ ଚାରିଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି।
- ଯମୁନା ନଦୀ ପାଇଁ ଚାରିହଜାର କୋଟିର ପ୍ରକଳ୍ପ ଉଦ୍‌ଘାଟନ କରିବେ ଗୃହମନ୍ତ୍ରୀ।
- ଦିଲ୍ଲୀରେ ପୂଜା ସମୟରେ ପ୍ରାୟ ଦୁଇଶହ ଲୋକ ବିଷାକ୍ତ ଖାଦ୍ୟ ଖାଇ ପୀଡ଼ିତ।

# ବାୟୁସେନାକୁ ମିଳିବ ୯୭ଟି ତେଜସ୍ ବିମାନ !

**ନୂଆଦିଲ୍ଲୀ, ୨୫।୯**



ଭାରତୀୟ ବାୟୁସେନା ୯୭ଟି ତେଜସ୍ ମାର୍କ-୧ଏ ବିମାନ ପାଇଁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ସହିତ ଏକ ବଡ଼ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ବିମାନ ଚୁକ୍ତି ହେବ। ଏହି ଚୁକ୍ତିର ମୂଲ୍ୟ ପ୍ରାୟ ୬୬,୫୦୦ କୋଟି ହେବ ବୋଲି ଆକଳନ କରାଯାଇଛି।

ରିପୋର୍ଟ ମୁତାବକ ଖୁବଶୀଘ୍ର ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ। ଯେହେତୁ ଶୁକ୍ରବାର ଦିନ ୩୬ଟି ପୁରୁଣା ମିଗ-୨୧ ବିମାନ ବନ୍ଦ ହୋଇଯିବ, ଏହା ବାୟୁସେନାର ଶକ୍ତିକୁ ସର୍ବନିମ୍ନ ୨୯ ସ୍କ୍ୱାର୍ଡନକୁ ହ୍ରାସ କରିବ। ମିଗ-୨୧ ବିମାନକୁ ଅବସର କରିଦିଆଯିବା ପରେ, ଭାରତ ପାଖରେ ୨୯ ସ୍କ୍ୱାର୍ଡନ ରହିବ। ପ୍ରତ୍ୟେକ ସ୍କ୍ୱାର୍ଡନ ପାଖରେ ବର୍ତ୍ତମାନ ୧୬ ରୁ ୧୮ଟି ଲଢୁଆ ବିମାନ ଅଛି। ପାକିସ୍ତାନ ପାଖରେ ବର୍ତ୍ତମାନ ୨୫ଟି ସ୍କ୍ୱାର୍ଡନ ରହିଛି। ଏହା ବ୍ୟତୀତ, ପଡ଼ୋଶୀ ପାକିସ୍ତାନ ଚୀନ୍ ଠାରୁ ୪୦ଟି ଜେ-୩୫ଏ ପଞ୍ଚମ ପିଢ଼ିର ଷ୍ଟିଲ୍ଥ ଜେଟ୍ କିଣିବାକୁ ପ୍ରସ୍ତୁତ ହେଉଛି।

ଉଲ୍ଲେଖ ଥାଉ କି ଯେ ଚୀନ୍ ଏହି ବିମାନ କ୍ଷେତ୍ରରେ ଭାରତଠାରୁ ବହୁତ ଆଗରେ। ଚୀନ୍ ପାଖରେ ଭାରତ ଅପେକ୍ଷା ଚାରି ଗୁଣ ଅଧିକ ଲଢୁଆ ଏବଂ ବୋମା ବର୍ଷଣକାରୀ ବିମାନ ଏବଂ ଅନ୍ୟାନ୍ୟ ରଣନୈତିକ କ୍ଷମତା ମଧ୍ୟ ଅଛି। ଭାରତୀୟ ବାୟୁସେନାର ଏକ ଆଭ୍ୟନ୍ତରୀଣ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ଏବଂ ପାକିସ୍ତାନରୁ ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ୪୨.୫ ସ୍କ୍ୱାର୍ଡନ ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଭାରତୀୟ ବାୟୁସେନା ତେଜସର ଧୀର ବିକାଶ ଏବଂ ବିତରଣ ଉପରେ ଲଗାତାର ଗୁରୁତ୍ୱ ଦେଇଆସିଛି। ଏକ କାର୍ଯ୍ୟକ୍ରମରେ, ଏୟାର ମାର୍ଶାଲ ଏପି ସିଂହ କହିଥିଲେ ଯେ ଯୁଦ୍ଧ ବିମାନ ପାଇଁ ବାୟୁସେନାକୁ ପ୍ରତିବର୍ଷ ଅତି କମ୍‌ରେ ୪୦ଟି ନୂତନ ଯୁଦ୍ଧ ବିମାନ ଆବଶ୍ୟକ।

ଏହା ଉଲ୍ଲେଖନୀୟ ଯେ ଫେବୃଆରୀ ୨୦୨୧ରେ ସ୍ୱାକ୍ଷରିତ ୮୩ଟି ତେଜସ୍ ମାର୍କ-୧ଏ ବିମାନ ପାଇଁ ପ୍ରଥମ ଚୁକ୍ତି ଅନୁଯାୟୀ, ହାଲ ଫେବୃଆରୀ ୨୦୨୪ରୁ ଫେବୃଆରୀ ୨୦୨୮ ମଧ୍ୟରେ ବିମାନ ଯୋଗାଇବାକୁ ସ୍ଥିର କରିଛି। ଏହି ଚୁକ୍ତିର ମୂଲ୍ୟ ୪୬୮୯୮ କୋଟି। ତଥାପି, ଏହା ଉଲ୍ଲେଖନୀୟ ଯେ ବାୟୁସେନା ଏପର୍ଯ୍ୟନ୍ତ ଗୋଟିଏ ବି ବିମାନ ପାଇନାହିଁ।

# ସ୍ୱଚ୍ଛତା ହିଁ ସେବା ଗଣସଫେଇ ଅଭିଯାନରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**



ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ମେୟର ଏବଂ ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀ ସଫେଇ କାର୍ଯ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ 'ଏକ୍ ପେଡ୍ ମା କେ ନାମ୍ ୨.୦' କାର୍ଯ୍ୟକ୍ରମ ଅଧିନରେ ସ୍ଥାନୀୟ ଦେବୀପାଦହରା ପୁଷ୍କରିଣୀ ନିକଟରେ ବୃକ୍ଷରୋପଣ କରିଥିଲେ।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆଜିର ଦିନଟି ସାଧାରଣ ଦିନ ନୁହେଁ, ଏହା ଆମ ଦେଶର ମହାନ ଚିନ୍ତକ, ରାଷ୍ଟ୍ରଭକ୍ତ ଓ ଆଦର୍ଶବାଦୀ ନେତାଙ୍କୁ ସ୍ମରଣ କରି ତାଙ୍କ ମୂଲ୍ୟବୋଧ ଓ ନୀତିକୁ ଆଗାମୀ ପିଢି ସାମ୍ନାରେ ଉପସ୍ଥାପିତ କରିବାର ଅବସର। ସେ କହିଥିଲେ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ସେ ବିଶ୍ୱାସ କରୁଥିଲେ ଏକାତ୍ମ ମାନବବାଦରେ। ତାଙ୍କର ଚିନ୍ତାଧାରା ଥିଲା ଅନ୍ତ୍ୟୋଦୟ ଅର୍ଥାତ ସମାଜର ସବୁଠୁ ଶେଷ ସୀମାରେ ଥିବା ମଣିଷ ପର୍ଯ୍ୟନ୍ତ ଉନ୍ନତିର ଆଲୋକ ପହଞ୍ଚିବା ଆବଶ୍ୟକ। ଦୀନଦୟାଲଙ୍କ ଆଦର୍ଶକୁ ପାଥେୟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଶରେ ଗୁଡ ଗଭର୍ନାନ୍ସ ପ୍ରତିଷ୍ଠା କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ପଣ୍ଡିତ ଦୀନଦୟାଲଙ୍କ ସବୁଠାରୁ ବଡ଼ ଉପାସକ ହେଉଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ଯୋଜନା ସମାଜର ଶେଷ ପାହଚରେ ଥିବା ଗରିବ ଓ ନିଃସହାୟଙ୍କ ପ୍ରତି ଉତ୍ସର୍ଗୀକୃତ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଣ୍ଡିତ ଦୀନଦୟାଲଙ୍କ ଏହି ମହାନ ଚିନ୍ତାଧାରା ଅନ୍ତ୍ୟୋଦୟ ଆଧାରରେ ଆମେ ସମାଜର ଶେଷ ଧାଡ଼ିରେ ଥିବା ଲୋକ ପାଖରେ ସମସ୍ତ ମୌଳିକ ସୁବିଧା ପହଞ୍ଚାଇବା ପାଇଁ କାର୍ଯ୍ୟରତ ଅଛୁ। ସେ ପୁଣି କହିଥିଲେ ଆଜି 'ଏକ ଦିନ, ଏକ ଘଣ୍ଟା, ଏକା ସାଥିରେ' *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରାଇଜେ ପୂରିଛି ପ୍ରସଙ୍ଗ କେତେ
ହୁଏନାହିଁ ଆଲୋଚନା
ବିକ୍ଷୋଭ ଗଣ୍ଡଗୋଳରେ ସରଇ
ସଭା ପରା ଯେ ଭାଇନା
ହୋଇଟି ନେତାଏ ଅନା
ବୁଦ୍ଧି ଶିଖେଇବା ଜାଣିଛି ଜନତା
ହୁଇସିଲ ଆଉ ମାରନା।

## ରେଳ-ମୋବାଇଲ୍ ଲଞ୍ଚରରୁ ଅଗ୍ନି ପ୍ରାଇମ୍ ବେଲିଷ୍ଟିକ୍ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ସଫଳ

**ନୂଆଦିଲ୍ଲୀ, ୨୫।୯**

ଭାରତ ପ୍ରଥମ ଥର ଗୁରୁବାର ଦିନ ରେଳ-ମୋବାଇଲ୍ ଲଞ୍ଚର୍ ସିଷ୍ଟମରୁ ମଧ୍ୟମ ଦୂରଗାମୀ ଅଗ୍ନି ପ୍ରାଇମ୍ ବେଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। ୨୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହିତ ଏହା ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ର ଉନ୍ନତ ବୈଶିଷ୍ଟ୍ୟ ସହିତ ସଜ୍ଜିତ ଯାହା ଏହାର ସଠିକତା, ଗତିଶୀଳତା ଏବଂ ପ୍ରତିରୋଧକ କ୍ଷମତା ବୃଦ୍ଧି କରେ। ଏହି ଦୀର୍ଘ ଦୂରଗାମୀ ପରମାଣୁ ସକ୍ଷମ କ୍ଷେପଣାସ୍ତ୍ରକୁ ଦୂରରୁ ନିୟନ୍ତ୍ରଣ କରି ଶତ୍ରୁ ଲକ୍ଷ୍ୟସ୍ଥଳ ବିରୁଦ୍ଧରେ ସଠିକତା ସହିତ ନିକ୍ଷେପ କରାଯାଇପାରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଏସଏଫସୀ ଏବଂ ସଶସ୍ତ୍ର ବାହିନୀକୁ ଏହି ସଫଳ ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଡିଆରଡିଓ ଦ୍ୱାରା ବିକଶିତ ୨,୦୦୦ କିଲୋମିଟର ରେଞ୍ଜର ଏହି କ୍ଷେପଣାସ୍ତ୍ରକୁ ଶୀଘ୍ର ସଶସ୍ତ୍ର ବାହିନୀରେ ସାମିଲ କରାଯିବ। ଏହି କ୍ଷେପଣାସ୍ତ୍ର ଅଧିକ ଓଜନ ଥିବାରୁ ଏହାକୁ ପୂର୍ବରୁ ସେବାରେ ଥିବା ଅଗ୍ନି-୧ କୁ ଶସ୍ତ୍ରାଗାରରେ ବଦଳାଇବାକୁ ଯୋଜନା କରାଯାଇଛି। ଯଦିଓ ଏହି କ୍ଷେପଣାସ୍ତ୍ରଟି ପୂର୍ବରୁ ଓଡ଼ିଶା ଉପକୂଳର ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଅନେକ ଥର ସଫଳ ପରୀକ୍ଷଣ କରାଯାଇଛି, ଆଜି ପ୍ରଥମ ଥର ପାଇଁ ରେଳ ଆଧାରିତ ମୋବାଇଲ୍ ଲଞ୍ଚର୍‌ରୁ ୨,୦୦୦ କିଲୋମିଟର ପର୍ଯ୍ୟନ୍ତ ଷ୍ଟ୍ରାଇକ୍ ରେଞ୍ଜ ସହିତ ନୂତନ ପିଢ଼ିର ପରମାଣୁ କ୍ଷମତାସମ୍ପନ୍ନ ଅଗ୍ନି ପ୍ରାଇମ୍ ବେଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଛି।

## ସଂକ୍ଷିପ୍ତ ମୌସୁମୀ ଅଧିବେଶନ | ଚଳିପାରିଲାନି ସ୍ୱାଭାବିକ, ହୋଇପାରିଲାନି ଆଲୋଚନା



■ ବିବେକାନନ୍ଦ ଜେନା

ପ୍ରଥମ ଥର ପାଇଁ ବିଧାନସଭାର ମୌସୁମୀ ଅଧିବେଶନ ସମ୍ପୂର୍ଣ୍ଣ ଭାବେ ଅଚଳାବସ୍ଥା ମଧ୍ୟରେ ଶେଷ ହେଲା। ସପ୍ତଦଶ ଓଡ଼ିଶା ବିଧାନସଭାର ଚଳିତ ମୌସୁମୀ ଅଧିବେଶନ ସ୍ୱାଭାବିକ ଚଳି ନପାରିବାରୁ ରାଜ୍ୟ ସମସ୍ୟା ହେଉ କି ଆଞ୍ଚଳିକ କିମ୍ବା ସାଧାରଣ ଲୋକଙ୍କ ସମସ୍ୟା କୌଣସି ପ୍ରସଙ୍ଗରେ ବି ଆଲୋଚନା ଠିକ୍ ଭାବରେ ହୋଇପାରିଲା ନାହିଁ। କେବଳ ଯେ ଗୃହର ମୂଲ୍ୟବାନ ସମୟ ନଷ୍ଟ ହୋଇଗଲା, ତାହା ନୁହେଁ, ରାଜ୍ୟବାସୀଙ୍କର କୋଟି କୋଟି ଟଙ୍କା ଅପଚୟ ମଧ୍ୟ ହେଲା। ବିଧାନସଭାର ହିସାବ ଅନୁସାରେ ଅଧିବେଶନର ପ୍ରଥମ ଦିନ ଗୃହ ମାତ୍ର ୩୬ ମିନିଟ ପାଇଁ ଚାଲିଥିଲା। ଯଦିଓ ସେଦିନ ବିଧାନସଭାର ଆସୀନ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ସମେତ ଅନ୍ୟ ୫ଜଣ ପୂର୍ବତନ ବିଧାୟକଙ୍କ ବିୟୋଗ ଏବଂ ୨ଜଣ ପୋଲିସ୍ କର୍ମଚାରୀଙ୍କ ଆତ୍ମ ବଳିଦାନ ପାଇଁ ଗୃହରେ ଶୋକ ପ୍ରସ୍ତାବ ଆଲୋଚନା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ତା'ପରେ ବାଚସ୍ପତିଙ୍କ ଘୋଷଣା ମୁତାବକ ଦିବଂଗତଙ୍କ ସମ୍ମାନାର୍ଥେ ସେଦିନର କାର୍ଯ୍ୟକ୍ରମକୁ ମୁଲତବୀ ରଖାଯାଇଥିଲା। ବିଧାନସଭାର ହିସାବ ଅନୁସାରେ ଗୃହ ଚାଲିଥିବା ପରବର୍ତ୍ତୀ ୫ ଦିନରେ ପାଖାପାଖି ୧୨ ଘଣ୍ଟାରୁ ଅଧିକ ସମୟ ଅପଚୟ ହୋଇଥିଲା। ଏଥିଯୋଗୁ କେତେ କୋଟି ଟଙ୍କା ରାଜ୍ୟବାସୀଙ୍କର ପାଣିରେ ପଡ଼ିଲା ତା'ର ହିସାବ ଚାଲିଛି। ୧୮ ତାରିଖ ପରେ ୧୯ ତାରିଖ ଦ୍ୱିତୀୟ କାର୍ଯ୍ୟ ଦିବସରେ ଗୃହ ମୁଖ୍ୟ ବିରୋଧୀ ଦଳର ହଟ୍ଟଗୋଳ, ନାରାବାଜି, ପୋଷ୍ଟର ପ୍ରଦର୍ଶନ ଯୋଗୁ ମାତ୍ର ୫ ମିନିଟ୍ ପାଇଁ ଚାଲିଥିଲା। ବାକି ୨ଘଣ୍ଟା ୫୬ ମିନିଟ୍ ଲ୍ୟାପ୍ସ ହୋଇଥିଲା। ୨୦ ତାରିଖ ତୃତୀୟ ଦିନରେ ମଧ୍ୟ ଗୃହରେ ଅନୁରୂପ ଅବସ୍ଥା ଦେଖା ଦେଇଥିଲା। ସେଥିଯୋଗୁ ମାତ୍ର ୧୬ ମିନିଟ୍ ଚାଲିଥିଲା ଏବଂ ୨ ଘଣ୍ଟା ୪୭ ମିନିଟ୍ *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

21ST ANNUAL CONVOCATION 2025

Date: 26th - 28th September, 2025 | Venue: KIIT Campus 3 (Kathajodi)

Graced by

Prof. Mohan Munasinghe
Nobel Laureate, Sri Lanka — 26th Sept. 2025

Justice Abdulqawi Ahmed Yusuf
Judge, International Court of Justice (ICJ), The Hague

Justice Dalveer Bhandari
Judge, International Court of Justice (ICJ), The Hague — 27th Sept. 2025

H.E. Ouided Bouchamaoui
Nobel Laureate, Tunisia — 28th Sept. 2025

This year, the KIIT Convocation will be held over three days from 26th - 28th September 2025, discipline-wise, to facilitate greater participation of students and parents.

Website: www.kiit.ac.in | Email: kiit@kiit.ac.in

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଅର୍ଥନୈତିକ ସୁଧାର ପ୍ରଭାବରେ ବଢ଼ିଲା ନିଯୁକ୍ତି

ଚଳିତ ବର୍ଷ ଅଗଷ୍ଟରେ ଦେଶର ବେକାରି ହାର ୫.୧ ପ୍ରତିଶତକୁ ହ୍ରାସ ପାଇଛି । ଗତ ଜୁନ ଓ ଜୁଲାଇରେ ତାହା ଯଥାକ୍ରମେ ୫.୨ ପ୍ରତିଶତ ଓ ୫.୬ ପ୍ରତିଶତ ଥିଲା । ଲଗାତାର ଦ୍ୱିତୀୟ ମାସରେ ବେକାରି ହାର ହ୍ରାସ ପାଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି । କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ପୁରୁଷ ବର୍ଗରେ ବେକାରି ହାର ୫ ପ୍ରତିଶତକୁ ହ୍ରାସ ପାଇଛି । ଶେଷ ଥର ପାଇଁ ଗତ ଏପ୍ରିଲ୍‌ରେ ଏହା ଏଭଳି ସ୍ତରରେ ଥିଲା । ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି ଯାହା ଗତ ଜୁଲାଇରେ ୬.୬ ପ୍ରତିଶତ ଥିଲା । ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଛି । ଗତ ଜୁଲାଇରେ ତାହା ୪.୬ ପ୍ରତିଶତ ଥିଲା । ଶ୍ରମ ଜନସଂଖ୍ୟା ଅନୁପାତ ଅଗଷ୍ଟରେ ୫୨.୨ ପ୍ରତିଶତରେ ପହଞ୍ଚିଛି ଯାହା ଗତ ଜୁନ୍ ଓ ଜୁଲାଇର ଯଥାକ୍ରମେ ୫୧.୨ ପ୍ରତିଶତ ଓ ୫୨ ପ୍ରତିଶତଠାରୁ ଉନ୍ନତ । ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର (ଏଲ୍ଏଫ୍‌ପିଆର) ଅଗଷ୍ଟରେ ୫୫ ପ୍ରତିଶତ ହୋଇଛି ଯାହା ଗତ ଜୁନ୍‌ରେ ୫୪.୨ ପ୍ରତିଶତ ଥିଲା । ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ମହିଳା ଶ୍ରମ ଶକ୍ତି ହାର ବଢ଼ିଛି । ମହିଳାଙ୍କ ଶ୍ରମ ଶକ୍ତି ଅନୁପାତ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି । ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୦.୨ ପ୍ରତିଶତ ଓ ୩୧.୬ ପ୍ରତିଶତ ଥିଲା । ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୩.୭ ପ୍ରତିଶତ ହୋଇଛି । ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୨ ପ୍ରତିଶତ ଓ ୩୩.୩ ପ୍ରତିଶତ ଥିଲା । ଭଲ ମୌସୁମୀ ବର୍ଷା, ସରକାରୀ ସ୍କିମ୍‌ର ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ପ୍ରଭାବରେ ନିଯୁକ୍ତି ହାର ବଢ଼ିବା ସହ ବେକାରି କମ୍ ହେଉଛି । ମୌସୁମୀ ବର୍ଷା ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ ଲଗାତାର ତୃତୀୟ ମାସ ପାଇଁ ବେକାରି ହାର କମ୍ ରହିଛି । ସରକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ମଧ୍ୟ ରହିଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୭)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏହା ହେଉଛି ସେଠାକାର ମତ୍ସ୍ୟଜିବୀମାନଙ୍କର ଧର୍ମ । ତେଣୁ ରାତି ଅଧରେ ମୁଁ ଯେତେବେଳେ ତିନିଥର ମଶାଲକୁ ଉପରକୁ ଟେକି ବିପଦରେ ପଡିଛି ବୋଲି ସଙ୍କେତ ଦେଲି, ସେହି ଓଡ଼ିଆ ନାବିକ ମାନେ ତୁରନ୍ତ ମୋ ନିକଟରେ ପହଞ୍ଚିଗଲେ । ସେତେବେଳେ ମୋ ମନରେ ଗୋଟାଏ ବଡ ସାହସ ହୋଇଗଲା କାହିଁକି ନା ମୋ ଓଡ଼ିଆ ଲୋକ, ମୋ ଓଡ଼ିଆ ଭାଇଙ୍କୁ ଦେଖି ମୋ ଛାତିରେ ଛାତିଏ ବଳ ଆସିଗଲା । ସେ ନାବିକମାନଙ୍କୁ ମୋ ମନର ଦୁଃଖକୁ ପୁରା ଖୋଲିଦେଲି ଏବଂ ସେମାନଙ୍କୁ ପଚାରିଲି ଓଡ଼ିଶାର ଏମିତି କେଉଁ ସ୍ଥାନ ଅଛି, ଯେଉଁଠିକି ମୋ ଠାକୁରମାନଙ୍କ ବ୍ରହ୍ମପଦାର୍ଥ ସୁରକ୍ଷିତ ରହିପାରିବେ ? ସେହି ନାବିକମାନେ ହିଁ ଏହି କୁଜଙ୍ଗ ଗଡର ନାମକୁ କହିଲେ, ଯେଉଁଠିକି ମୋ ଜଗନ୍ନାଥଙ୍କ ବ୍ରହ୍ମ ପଦାର୍ଥ ସୁରକ୍ଷିତ ରହିବ । ଏହି କଥାବାର୍ତ୍ତା ପରେ ଓଡ଼ିଆ ନାଉରୀଆମାନେ ତାଙ୍କର ଡଙ୍ଗାନେଇ ଚାଲିଗଲେ ମାଛ ଧରିବା ପାଇଁ । ନାଉରୀଆଙ୍କ ଠାରୁ ବ୍ରହ୍ମ ପଦାର୍ଥକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନର ସନ୍ଧାନ ପାଇବାମାତ୍ରେ ମୁଁ ଆଉ ଗୋଟିଏ ମୁହୂର୍ତ୍ତ ଅପେକ୍ଷା ନ କରି ସଙ୍ଗେ ସଙ୍ଗେ ଚାଲିଲି ଦରପୋଡା କାଷ୍ଠ ପ୍ରତିମା ନିକଟକୁ । ସେହି ଅର୍ଦ୍ଧଦଗ୍ଧ ଦାରୁମୂର୍ତ୍ତିମାନଙ୍କ ଗର୍ଭରେ ଥିବା ବ୍ରହ୍ମ ପଦାର୍ଥଙ୍କୁ ଅତି ସାବଧାନତା ସହକାରେ ବାହାର କରି ଆଣି ମୁଁ ରହୁଥିବା ଗୃହରେ ମୃଦଙ୍ଗ ମଧ୍ୟରେ ରଖି ପରଦିନ ପ୍ରତ୍ୟୁଷରୁ ବାହାରି ଆସିଲି ସମୁଦ୍ର କୂଳକୁ । ଦୀର୍ଘ ଦୁଇମାସ କାଳ ବୋଇତରେ ଯାତ୍ରା କରି ଆସି ପହଞ୍ଚିଛି ଲକ୍ଷ୍ୟ ରଖିଥିବା ସ୍ଥାନରେ । ହେ ମହାରାଜା ମୋ ଜୀବନ ସଂଘର୍ଷର ଏତେ ଭୟାବହ ଯେ ଯାହାକୁ ଯେତେ ବର୍ଣ୍ଣନା କଲେବି ସରିବନି ସେ ଅସରା କାହାଣୀ । ମୋ ଜୀବନର ମଧ୍ୟାହ୍ନ ବି ଅତିକ୍ରମ କରିଗଲାଣି । କିଏ ବା ଜାଣିଛି ଆସନ୍ତା କାଲିର ସକାଳକୁ ଦେଖି ପାରିବି କି ନାହିଁ । ହେ ରାଜନ ! ଏହି ମହତ ଉଦ୍ଦେଶ୍ୟକୁ ହୃଦୟର ଏକମାତ୍ର ସର୍ବଶ୍ରେଷ୍ଠ ସମ୍ବଳ ମନେ କରି ଆପଣଙ୍କର ମହାବୀର ବାଟିକାରେ ଆଶ୍ରୟ ନେବି ବୋଲି ଏଠାକୁ ଆସିଛି । ଆପଣ ହେଉଛନ୍ତି ମୋର ଏକମାତ୍ର ଆଶା, ଭରସାର କେନ୍ଦ୍ରସ୍ଥଳ । ମୁଁ ଚାହିଁଥିଲେ ପୁରୀ ଅକ୍ଳେଶରେ ଯାଇ ପାରିଥାନ୍ତି କିନ୍ତୁ ପୁରୀ ମଧ୍ୟରେ ଅହରହ ଯେଉଁ ବିଶ୍ୱାସଘାତକ ମାନଙ୍କର ଉଦଣ୍ଡ ନୃତ୍ୟ ଦିବାରାତ୍ର ଚାଲିଛି, ସେଠାରେ କଳିଙ୍ଗର ଇଷ୍ଟଦେବଙ୍କ ବ୍ରହ୍ମ ପଦାର୍ଥ ଗୁଡିକ ନିରାପଦ ରହିବ ନାହିଁ । ତେଣୁ ପୁରୀର ପ୍ରତ୍ୟାବର୍ତ୍ତନ ଆଶା ପରିତ୍ୟାଗ କରି ଏହି ସ୍ଥାନକୁ ଆସିବା ପାଇଁ ନିରାପଦ ମଣିଲି । ସେହି ମହାପ୍ରଭୁଙ୍କର ଯେତେବେଳେ ଯାହା ଇଚ୍ଛା କରିବେ ତାହାହିଁ ହେବ ।”

ମହାରାଜା ଗୋପୀନାଥ ନରେନ୍ଦ୍ର ବିଶର ମହାନ୍ତିଙ୍କ ଠାରୁ ଏହି ଲୋମଟାଙ୍କୁରା କଥାକୁ ଶୁଣି ମର୍ମାହତ ହୋଇ ପଡୁଥିଲେ । ଯେଉଁ ମହାପ୍ରଭୁ ଅନନ୍ତ କୋଟି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ପାଳନ କର୍ତ୍ତା, ସଂହାର କର୍ତ୍ତା ଏପରି ମହାପ୍ରଭୁଙ୍କୁ ପାଇ କଳିଙ୍ଗ ରାଜ୍ୟର ରାଜାମାନେ ସୁରକ୍ଷା ଦେଇ ପାରିଲେନି ଏତେବଡ ଘଟଣା ଘଟିଗଲା, ତେବେ ଏ ରାଜାମାନଙ୍କୁ ସୁରକ୍ଷା ଦେବ କିଏ ? ଏହି ଅନେକ ପ୍ରଶ୍ନ ଓ ଉତ୍ତରରେ ଆବଦ୍ଧ ହୋଇ ମହାରାଜା ବିଶର ମହାନ୍ତିଙ୍କୁ କହିଲେ “ ହେ ସନ୍ନ୍ୟାସୀ ! ଆଜି ମୋର ମହାଭାଗ୍ୟ, ମୋ ରାଜ୍ୟରେ ଅବସ୍ଥାନ କରିବେ ମହାପ୍ରଭୁ ଜଗନ୍ନାଥ । ଏହାଠାରୁ ପରମ ସୌଭାଗ୍ୟ ମୋ ପାଇଁ ଆଉ କିଛିନାହିଁ । ଆଜି ମୁଁ ଧନ୍ୟ ହୋଇଗଲି ବିଶର । ତୁମେ ଏଠାରେ ନିର୍ଭୀକ ଭାବରେ ଅବସ୍ଥାନ କର । ମୁଁ ତୁମକୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବି । ମହାପ୍ରଭୁଙ୍କ ପାଇଁ ଯେଉଁ ମନ୍ଦିରର ଆବଶ୍ୟକତା ରହିଛି, ତାହା ମୁଁ ନିଶ୍ଚୟ କରିବି, ତେବେ ମନ୍ଦିର ହେବା ପର୍ଯ୍ୟନ୍ତ ଏହି ଅସ୍ଥାୟୀ ଗୃହରେ ତୁମେ ଅବସ୍ଥାନ କର । (କ୍ରମଶଃ)

# ପୂଜା ଲେଖା

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ବର୍ଷା ଦିନେ ଯେମନ୍ତ ଛତୁ ବେଶୀ ଫୁଟେ, ସେମନ୍ତ ପୂଜା ବେଳେ ବହୁ ପତ୍ରପତ୍ରିକା ହଠାତ୍ ଫୁଟି ବାହାରନ୍ତି । ବର୍ଷା ଦିନେ ଯେମନ୍ତ ବେଙ୍ଗ ଫୁଲା ବେଶୀ ଦିଶନ୍ତି, ସେମନ୍ତ ପୂଜା ବେଳେ ବହୁ ସାହିତ୍ୟିକ ହଠାତ ଉଭା ହୁଅନ୍ତି । ବର୍ଷାଦିନେ ଟାଙ୍ଗରା ଭୁଇଁବି ଯେମନ୍ତ ସାବ୍‌ଜା ସାବ୍‌ଜା ଦିଶେ- ସେମନ୍ତ ପୂଜା ବେଳେ ଓଡ଼ିଆ ସାହିତ୍ୟ ଜଗତଟା ପୁରିଲା ପୁରିଲା ଦିଶେ । ଦିନେକାଳେ ନ ଦିଶୁନଥିବା ପତ୍ରିକାମାନେ ସଜବାଜ ହୋଇ ମୋଟା ମୋଟା ଆକାରରେ ବାହାରି ପଡ଼ନ୍ତି । ଅନ୍ୟବେଳେ କ୍ଷୀଣକାୟ ଦିଶୁଥିବା ପତ୍ରିକାମାନେ ବି ଏକାଳେ ବେଶ ହୃଷ୍ଟପୁଷ୍ଟ ଦିଶନ୍ତି ।

ପ୍ରଖ୍ୟାତ ଔପନ୍ୟାସିକ ଓ ସ୍ତମ୍ଭକାର ବିଭୁତି ପଟ୍ଟନାୟକଙ୍କ ମତରେ ଓଡ଼ିଶାରେ ପୂଜା ବିଶେଷାଙ୍କ ଛାପିବାର ଏ ପ୍ରବଣତାଟି ପଶ୍ଚିମ ବଙ୍ଗରୁ ଆମଦାନୀ । ୭୦ ଦଶକରେ ଆସନ୍ତାକାଲି ଓ ନବରବି ନାମରେ ଦୁଇଟି ପତ୍ରିକା କଳିକତାରୁ ବାହାରୁଥିଲା । ସେମାନେ ଏ ଟ୍ରେଣ୍ଡ୍ ଆରମ୍ଭ କରନ୍ତି । ତାପରେ କ୍ରମଶଃ ଏହା ଏକ ଚଳଣି ହୋଇଗଲା ।

ଏବେ ଓଡ଼ିଶାରେ ପାଖାପାଖି ୭୦ ପତ୍ର ପତ୍ରିକାର ପୂଜା-ବିଶେଷାଙ୍କ ବାହାରୁଛି । ଏତେ ସଂଖ୍ୟାରେ ପତ୍ରିକା ବାହାରୁଛି ଯେ ଷ୍ଟଲ୍‌ରେ ରଖିବାକୁ ଜାଗା ହେଉନି । ଆଜିକାଲି ପୁଣି ଅନେକ ପତ୍ରିକା ପୂଜା ସଂଖ୍ୟା ନ ଲେଖି ମହାପୂଜା ସଂଖ୍ୟା ଲେଖୁଛନ୍ତି । ସବୁଥିରେ ହାଇପର ହେବା ଆମର ସ୍ୱଭାବ । ସେଥିପାଇଁ ଆଜିକାଲି ଦେଖିବେ ଆଉ ଉତ୍ସବ ବୋଲି କିଛି ନାହିଁ, ସବୁ ମହୋତ୍ସବ । କୋଳାବାଲାଏ ବି ମହାକୋଲା ଲେଖିଲେଣି ।

ଏକାସାଙ୍ଗରେ ଏତେ ପତ୍ରିକା ପ୍ରକାଶ ପାଇଲା ଫଳରେ ଭଲ ଲେଖା ପାଇଁ ପତ୍ରିକା ସମ୍ପାଦକମାନେ ଭାରି ହାଇଁପାଇଁ ହୁଅନ୍ତି । ବଡ଼ ଲେଖକମାନଙ୍କ ଉପରେ ଚାପ ବହୁତ । ସମସ୍ତଙ୍କ ଅର୍ଜି : ଆଜ୍ଞା ଲେଖା ଦିଅନ୍ତୁ । ଅନେକ ବଡ଼ବଡ଼ ଲେଖକ ଏଥିପାଇଁ ଆଗରୁ ଲେଖି ଏ ସମୟ ପାଇଁ ଲେଖା ରଖିଦେଇଥାନ୍ତି । ତଥାପି କୁଳାଏନି । ଅନେକ ଲେଖକ ଏ ସମୟରେ



ଅଫିସ୍‌ରୁ ଛୁଟି ନେଇ, ରାତି ଅନିଦ୍ରା ହୋଇ ଲେଖା ଉତ୍ପାଦନ କରନ୍ତି । କିନ୍ତୁ ସତୁରୀ ପତ୍ରିକା ଯଦି ଲେଖା ମାଗିବେ, କେତେ ଉତ୍ପାଦନ କରିବ ମଣିଷ ! ମଣିଷଛୁଆ ହେଉ ବା ଲେଖା-ସୃଜନାତ୍ମକ ଉତ୍ପାଦନର ଗୋଟେ ସୀମା ଅଛି ନା ନାହିଁ ! ଲେଖକ ମଣିଷ ନା ମଶା - ଏକାସାଙ୍ଗରେ ହଜାର ହଜାର ଅଣ୍ଡା ଦେଇଦେବ !

ପତ୍ରିକାର ପୃଷ୍ଠା ପୂରଣର ଚାହିଦା ପୂରଣର ଦାବିରେ ବହୁ ଅ-ସାହିତ୍ୟିକବି ଏ ବେଳରେ ସାହିତ୍ୟିକ ହୋଇଯାନ୍ତି । ମୋର ପ୍ରିୟ ବନ୍ଧୁ ନବଘନ ବର୍ଷସାରା କେବେ ଲେଖାଲେଖି କରେନି । ସେ ବି ପୂଜା ବିଶେଷାଙ୍କରେ ଲେଖିପକାଏ । ମୁଁ ଦିନେ ତାକୁ ପଚାରିଲି, ଆରେ ତୁ ଖାଲି ପୂଜାରେ କାହିଁକି ଲେଖୁ ?

ସେ ମୋ ପ୍ରଶ୍ନର ଉତ୍ତର ଦେବ କଣ, ଓଲଟା ପଚାରି ବସିଲା, ମାର୍କେଟ୍‌ରେ ପୂଜାପାର୍ବଣବେଳେ ଶାଢ଼ିରେ ରିବେଟ୍ କାହିଁକି ଦିଆଯାଏ ?

ମୁଁ କହିଲି, ମୁଁ କଣ ଜାଣେ !

- ବୁଦ୍ଧୁ ! ପୂଜାପାର୍ବଣ ବେଳେ ସମସ୍ତେ ଶାଢ଼ି କିଣିବେ । ବିକ୍ରି ହେବ ଅଧିକ । ତେଣୁ ସବୁ ଦୋକାନ ନିଜ ଦୋକାନର ବିକ୍ରି ବଢ଼େଇବାକୁ ଚାହିଁବେ । ସେଇ ଟାଇମ୍‌ରେ ଯିଏ ରିବେଟ୍‌ଫିବେଟ୍ କଥା କହିବେ- ଅଧିକା ଲୋକ ସେଠାକୁ ଆସିବେ । ଅଧିକା ଲୋକ ଆସିଲେ ଅଧିକା ହାଉଯାଉ । ନବଘନର ଶାଢ଼ୀରେ ରିବେଟ୍ ଦେବାର କାରଣ ବିଷୟ ଭାଷଣରେ ମୁଁ ଟିକେ ବିରକ୍ତ ହୋଇ ଉଠିଲି । କହିଲି,

- ଶାଢ଼ୀ ସହିତ ସାହିତ୍ୟର ସମ୍ପର୍କ କ'ଣ ?

- ଆବେ, ତୁ କି ଲେଖକ ! ଶାଢ଼ି ସହିତ ସାହିତ୍ୟର ସମ୍ପର୍କ ବଡ଼ ଗହନ । ଶାଢ଼ିକୁ ଛାଡ଼ିଦେଲେ ସାହିତ୍ୟରେ ଆଉ ଅଛି କଣ ? ତେବେ ଏଠି ଶାଢ଼ିକୁ କେବଳ ବସ୍ତ୍ର ଅର୍ଥରେ ନେ ନା । ଶାଢ଼ି ବଦଳରେ ତୁ ଫ୍ରକ୍, ମିନିସ୍କର୍ଟ, ଶାଲୱାର କମିଜ୍ ଯାହା ଇଚ୍ଛା ନେଇପାରୁ ।

- ମୁଁ ସେ ସମ୍ପର୍କ କଥା ପଚାରୁନି । ଶାଢ଼ିରେ ରିବେଟ୍ ସହିତ ପୂଜାସଂଖ୍ୟାରେ ଲେଖାର କି ସମ୍ପର୍କ କହ ।

ନବଘନ କହିଲା, ଦେଖ ରିବେଟ୍ ଦେବାର ଉଦ୍ଦେଶ୍ୟ ହେଲା ଅଧିକ ଲୋକ ଯେମିତି ଦୋକାନକୁ ଆସିବେ । ଅଧିକା ବିକ୍ରି ହେବ । ସେ ବିକ୍ରି ବେଳେ ବହୁତ ଝଡ଼ତିପଡ଼ତି, ପୁରୁଣା ଡିଜାଇନ୍ ମାଲ୍‌ବି ଚାଲିଯାଏ ।

- ସେଉଠୁ ?

- ପୂଜାସଂଖ୍ୟା ପତ୍ରିକାଗୁଡ଼ାକ ମୋଟା ମୋଟା ହୁଏତ ! ଅନେକ ଲେଖା ନ ହେଲେ ପୃଷ୍ଠା ପୁରିବ କେମିତି ! ତେଣୁ ଅନେକ ସମୟରେ ପୃଷ୍ଠା ପୁରେଇବା ପାଇଁ ଅନେକ ଝଡ଼ତିପଡ଼ତି ମାଲ୍‌ବି ଚାଲିଯାଏ । ପତ୍ରିକାକୁ ମୋଟା କରିବାର ଲକ୍ଷ୍ୟରେ ଅନେକ ସମ୍ପାଦକ ଆଉ ଲେଖାର କ୍ୱାଲିଟି ଉପରେ ନଜର ଦେବାର ସମୟ ପାଆନ୍ତିନି । ତେଣୁ ମୁଁ କେବଳ ପୂଜାବେଳେ ଲେଖା ପଠାଏ । କେଉଁଠି ନା କେଉଁଠି ଲେଖାଟା ଛପିଯାଏ । ଅନ୍ୟବେଳେ ତ ସେ ସ୍କୋପ୍ ନାହିଁ ।

- କାହିଁକି ?

- ଆରେ, ଅନ୍ୟବେଳେ ପତ୍ରିକାଗୁଡ଼ାଏ ସରୁ ସରୁ । ଅଳ୍ପ ଲେଖା । ସମ୍ପାଦକ ସବୁ ଲେଖା ପଢ଼ି ଛାପିବାକୁ ଦିଏ । ସେତେବେଳେ ମୋ ଲେଖା ଛାପିବାର ଆଉ ସୁଯୋଗ କାଇଁ !

ନବଘନର କଥାକୁ ମୁଁ ଜମା ବିଶ୍ୱାସ କରି ନଥିଲି । ସେ ଲୋକଟା ସେମିତି । ବଡ଼ପାଟିଆ । ସମ୍ପାଦକମାନେ ତରବରରେ ଝଡ଼ତିପଡ଼ତି ଲେଖା ପୂଜା ସଂଖ୍ୟାର ପୃଷ୍ଠା ପୂରଣ ପାଇଁ ଦେଇ ଦିଅନ୍ତି- ଏକଥା କଣ ବିଶ୍ୱାସଯୋଗ୍ୟ ! ଝଡ଼ତିପଡ଼ତି ଲେଖା ରହିଲେ ବିଦଗ୍ଧ ପାଠକମାନେ ସମ୍ପାଦକମାନଙ୍କୁ ଆକଟ କରିବେନି ! ପାଠକ ପରା ଶ୍ରେଷ୍ଠ ବିଚାରକ ବୋଲି ଗୋଟେ ଖବରକାଗଜ ପ୍ରତିଦିନ ତା ସମ୍ପାଦକଙ୍କୁ ପତ୍ର ସ୍ତମ୍ଭରେ ଛାପୁଛି । ଖବରକାଗଜର କଥା କଣ ମିଛ ! ମୁଁ ମୋ ବିଶ୍ୱାସ ନେଇ ଥିଲି ।

ଦିନେ ସୁଜି ସହିତ ଦେଖାହେଲା । ସୁଜି ମୋର ପୁରୁଣା ବାନ୍ଧବୀ । ତା ଭଲ ନାଁ ସୁରଙ୍ଗନା, ଡାକ ନାଁ ସୁଜି । ତାଙ୍କ ବଡ଼ ଭଉଣୀଡାକ ନାଁ ଚିନି । ଏମାନଙ୍କ ଏପରି ବିଚିତ୍ର ନାଁ କାହିଁକି ହୋଇଛି, ସେ ସମ୍ପର୍କରେ ପରେ କେତେବେଳେ କହିବି । ତ ଦିନେ ଦେଖିଲି ସୁଜି ଷ୍ଟଲ୍‌ରେ ପୂଜା ପତ୍ରିକା କିଣୁଛି । ଷ୍ଟଲ୍‌ରେ ଯେତେ ଓଡ଼ିଆ ପୂଜା ସଂଖ୍ୟା ଥିଲା, ତା ଭିତରୁ ଯେଉଁଟା ସବୁଠୁଁ ମୋଟା ସୁଜି ତାକୁଇ କିଣିଲା । ସୁଜିକୁ ଓଡ଼ିଆ ପୂଜା ସଂଖ୍ୟା କିଣିବାର ଦେଖି ମୁଁ ନିଶ୍ଚିତ ହୋଇଗଲି, ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ।

କିଛିଦିନ ପରେ ସୁଜି ଘରକୁ ଯାଇଥାଏ । ପଚାରିଲି, ସେଦିନ ଯେଉଁ ମୋଟା ପୂଜାସଂଖ୍ୟାଟା କିଣି ଆଣିଲୁ ପଢ଼ିଛୁ ?

ସୁଜି କହିଲା, ନା ।

- ଏତେଦିନ ହେଲା ବହିଟା କିଣିଲୁଣି ପଢ଼ିନୁ ?

ସୁଜି ଟିକେ ହସି କହିଲା, ମୁଁ କଣ ପଢ଼ିବା ପାଇଁ ବହିଟା କଣିଛି ?

- ଆଉ ?

- ଶୁଣ, ଯାଙ୍କୁ କହିବୁନି, ମୁଁ ତାକୁ ମୁଣ୍ଡ ତଳେ ଦେଇ ଶୋଉଛି ।

- ମୁଣ୍ଡ ତଳେ ଦେଇ ଶୋଉଛୁ ମାନେ ?

- ଆରେ କିଛିଦିନ ହେଲା ମୋର ସ୍ପଣ୍ଡିଲାଇଟିସ୍ ହୋଇଛି ତ ଡାକ୍ତର କହିଛି ବିନା ତକିଆରେ ଶୋଇବାକୁ । ଆମର ସିଏ ମୋତେ ଟିକେ ବେଶୀ ଭଲ ପାଆନ୍ତିତ, ଜମା ତକିଆରେ ମୁଣ୍ଡ ରଖିବାକୁ ଦେଉ ନାହାନ୍ତି । ଇଆଡ଼େ ମୁଣ୍ଡ ତଳେ କିଛି ନ ରହିଲେ ମୋତେ ନିଦ ହଉନି । କଣ କରିବି ! ସେଇଥିପାଇଁ ଏ ମୋଟା ପତ୍ରିକାଟାକୁ ଆଣିଛି । ପଢ଼ିବି ବୋଲି କହି ବହି ଧରି ବିଛଣାକୁ ଚାଲିଯାଏ, ତାପରେ ବହିଟାକୁ ମୁଣ୍ଡତଳେ ଦେଇ ଶୋଇ ଯାଏ ।

# ମାତୃଶକ୍ତିର ସ୍ୱରୂପ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ନାରୀ ଶକ୍ତି ସକଳ ଜୀବଜଗତର ଆଧାର । ସେ ଜଡକୁ ଜୀବନ୍ତ କରେ । ନିର୍ଜୀବକୁ ଜୀବନ୍ୟାସ ଦିଏ । ସେ ସ୍ନେହଶୀଳା ସେ ଶାନ୍ତି, ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକା ସେ ସୌନ୍ଦର୍ଯ୍ୟଶାଳିନୀ । ମାତୃଶକ୍ତି ସକଳ ସମ୍ପତ୍ତିର ଅଧିକାରିଣୀ । ସରସ୍ୱତୀ ବିଦ୍ୟାଦାତ୍ରୀ, ଲକ୍ଷ୍ମୀ ଧନ ସମ୍ପଦ ଦାୟିନୀ, ଦୁର୍ଗାଙ୍କୁ ଦୁର୍ଗତିନାଶିନୀ ଭାବରେ ଓ ଅନ୍ୟାନ୍ୟ ଦେବୀମାନଙ୍କୁ ଆମେ ଆମର ଯଶ ଓ ସମ୍ମାନ ପାଇଁ ପୂଜା କରୁ । ଅସୁର ବିନାଶ ନିମନ୍ତେ ନାରୀଶକ୍ତି ଦୁର୍ଗା, କାଳୀ, ମୋହିନୀ ରୂପରେ ଆବିର୍ଭୂତା । କେବେ ସେ ଉଗ୍ର କେବେ ଶାନ୍ତିଦାୟିନୀ । ସଂସାର ରକ୍ଷା ପାଇଁ ମାତୃଶକ୍ତି ସ୍ୱୟଂ ମହାମାୟାଙ୍କୁ ସିଦ୍ଧିଦାୟିନୀ, ପରମା ସୁନ୍ଦରୀ, ବୁଦ୍ଧି, ଶକ୍ତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, ଲକ୍ଷ୍ମୀ, ତୁଷ୍ଟି, ଦୟା, କ୍ଷମା, ସ୍ନେହ, ପ୍ରେମ, କରୁଣା ଅବତାର ନେଇ ମାତୃ ରୂପରେ ଏ ସୃଷ୍ଟିକୁ ରକ୍ଷା କରିଛନ୍ତି । ନିରାକାର ପରଂବ୍ରହ୍ମ ଭଗବାନ ପ୍ରଥମେ ଲୀଳା ବା ସୃଷ୍ଟି ରଚନା କରିବାପାଇଁ ସଂକଳ୍ପ କଲେ । ଯୋଗଦ୍ୱାରା ସେ ନିଜକୁ ଏକ ସୁନ୍ଦର ଅର୍ଦ୍ଧନାରୀଶ୍ୱର ଶରୀରରେ ପରିଣତ କରିଥିଲେ । ସେହି ଶରୀରର ଦକ୍ଷିଣ ଅଙ୍ଗରେ ପୁରୁଷ ଓ ବାମ ଅଙ୍ଗରେ ନାରୀ ବା ପ୍ରକୃତିକୁ ରଖିଲେ। ଏହି ପ୍ରକୃତି ହେଉଛନ୍ତି ମହାମାୟା, ସନାତନ ଶକ୍ତି ଜଗତଗନନୀ ବା ସମଗ୍ର ସୃଷ୍ଟିର ମାତୃଶକ୍ତି । ମାତୃଶକ୍ତି ପରଂବ୍ରହ୍ମକୁ ଧାରଣ କରି ଏହି ବିଶାଳ ସୁନ୍ଦର ଜଗତକୁ ସୃଷ୍ଟି କରିଛନ୍ତି ତେଣୁ ମୂଳ କେନ୍ଦ୍ରବିନ୍ଦୁ ହେଉଛନ୍ତି ମାତୃଶକ୍ତି ଯାହାକୁ ଆମେ ଦେବୀ କହିଥାଉ । ଏହି ଦେବୀ ସତ୍ତ୍ୱ, ରଜ, ତମ ଗୁଣର ପ୍ରତୀକ । ସମଗ୍ର ଜଗତରେ ଆଦିଶକ୍ତି ପ୍ରକୃତି ଦେବୀ ଦୁର୍ଗା, ରାଧା, ଲକ୍ଷ୍ମୀ, ସରସ୍ୱତୀ ଓ ସାବିତ୍ରୀ ନାମରେ ଥିଲେ।

ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ, ସେ ଅନାଦି ଶକ୍ତି । ଜଗତ ତାରିଣୀ । ସେ ଯେ ଆଦ୍ୟାଶକ୍ତି । ଦୁର୍ଗାର ଦୁ ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁଷ୍ଟ ଦାନବକୁ ନାଶ କରିବା ପ୍ରତୀକ ଏବଂ ଆସୁରିକ ପ୍ରକୃତି ଗୁଡିକର ନାଶବାଚକ । ଶାସ୍ତ୍ର ଅନୁସାରେ ଶକ୍ତି ବ୍ରହ୍ମ ସ୍ୱରୂପିଣୀ । ଶକ୍ତି ଉପାସନା ଐତିହ୍ୟ ଏବଂ ପ୍ରାଚୀନ ଅଟେ । ମାତୃଶକ୍ତି ପୂଜା ବୈଦିକ ଯୁଗରୁ ଆରମ୍ଭ ହୋଇ ଆସୁଅଛି । ମାତୃଶକ୍ତି ହିଁ ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳ ଉତ୍ସ । ଭାରତୀୟ ଶକ୍ତିତନ୍ତ୍ରର ବିଚାରଧାରା ଅନୁଯାୟୀ ଯେଉଁ ତ୍ରିଶକ୍ତିର ପରିକଳ୍ପନା କରାଯାଇଛି ସେମାନେ ହେଲେ

୧.ମାହେଶ୍ୱରୀ ୨. ମହାକାଳୀ ୩. ମହାଲକ୍ଷ୍ମୀ ୪. ମହା ସରସ୍ୱତୀ

୧. ମାହେଶ୍ୱରୀ ହେଉଛନ୍ତି ଅନନ୍ତ ଶକ୍ତିର ପ୍ରତୀକ । ଭଗବାନ ଶିବଙ୍କର କ୍ରିୟାଶକ୍ତି ତାଙ୍କ ବିନା ଶିବଙ୍କର ଅସ୍ତିତ୍ୱ ନାହିଁ । ଶକ୍ତି ବିନା ଶିବ ଶବରେ ପରିଣତ । ମାହେଶ୍ୱରୀ



ହେଉଛନ୍ତି ମହାଶକ୍ତି । ମାନବୀୟ ଚେତନା ଓ ଦିବ୍ୟ ଚେତନା ମଝିରେ ରହିଛନ୍ତି ମାହେଶ୍ୱରୀ। ସେ ଅସୀମ ଚେତନାର ଅଧିକାରିଣୀ । ଏହି ମହାଶକ୍ତି ହେଉଛନ୍ତି ସାର୍ବଜନୀନ ମା। ସମସ୍ତ ଜୀବମାନଙ୍କର ମା । ସୃଷ୍ଟି ସ୍ଥିତି, ଲୟ ତାଙ୍କରି ଦ୍ୱାରା ସମ୍ଭବ । ସେହି ମା ଜାୟା, ଜନନୀ. ଭଗିନୀ, ପ୍ରଣୟିନୀ । ଭରତୀୟ ଦର୍ଶନରେ ତାଙ୍କୁ କେତେବେଳେ ଦୁର୍ଗତିନାଶିନୀ ଦୁର୍ଗା ରୂପରେ , କେତେବେଳେ କାଳୀ ରୂପରେ କେତେବେଳେ ଗୌରୀ ରୂପରେ ତ କେତେବେଳେ ମା ଲକ୍ଷ୍ମୀ ରୂପରେ ପୂଜା କରାଯାଇଛି।

୨. ମହାକାଳୀ ଆସୁରିକ ଶକ୍ତି ପ୍ରଭାବରେ ପୃଥିବୀ ଉପରେ ଯେମିତି ଅନ୍ଧାର, ଆଲୁଅ ସୁଖ ଦୁଃଖ ଭଲମନ୍ଦ ରହିଛି ସେହିପରି ଦିବ୍ୟଶକ୍ତି ସହିତ ଦୁଷ୍ଟଶକ୍ତି ବି ପୃଥିବୀ ଉପରେ ପ୍ରକଟିତ। ଯେତେବେଳେ ସଂସାରରେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯାଏ । ପୃଥିବୀ ଉପରୁ ଦୁଷ୍କୃତିକୁ ବିନାଶ କରିବାପାଇଁ ମାତୃଶକ୍ତି ବା ମହାଶକ୍ତି ମହାକାଳୀ ରୂପ ଧାରଣ କରିଥାନ୍ତି । ମହାକାଳୀ ହେଉଛନ୍ତି ଭୟଙ୍କର କ୍ରୋଧଯୁକ୍ତା ସଂହାରକାରିଣୀ ପୃଥିବୀ ଉପରେ ଅଧର୍ମକୁ ବିନାଶ କରି ଧର୍ମ ପ୍ରତିଷ୍ଠା କରିବା ମହାକାଳୀଙ୍କର କାର୍ଯ୍ୟ ସେ ସର୍ବଦା ଉନ୍ମୁକ୍ତ । ସତ୍ୟ, ଶିବ. ସୁନ୍ଦର ଓ ଜ୍ଞାନଯୁକ୍ତା ଓ ଆନନ୍ଦମୟୀ ।ସେ ଅତି ନିଷ୍ଠୁରା ଓ ଭୟଙ୍କରୀ । ସମଗ ବିଶ୍ୱରେ ଯେତେବେଳେ ପାପଭାର ବଢ଼ିଯାଏ ସେତେବେଳେ ସେ ମହାପ୍ରଳୟ ସୃଷ୍ଟି କରନ୍ତି ।

୩.ମହାଲକ୍ଷ୍ମୀ ମାତୃଶକ୍ତିର ଅନ୍ୟ ଏକ ରୂପ ହେଉଛନ୍ତି ମହାଲକ୍ଷ୍ମୀ । ସବଠାରୁ ସୁନ୍ଦର ଓ ଆକର୍ଷଣୀୟ ରୂପ ତାଙ୍କର ସେ ଧନଦାତ୍ରୀ । ଅଷ୍ଟସୌନ୍ଦର୍ଯ୍ୟର ଅଧିକାରିଣୀ । ତାଙ୍କୁ ଅମୃତ ଲୋଚନୀ ମଧ୍ୟ କୁହାଯାଏ । ସେ ଚନ୍ଦ୍ରବତ୍ ପ୍ରକାଶମାଣା, କାନ୍ତିଯୁକ୍ତା, ପ୍ରଭାଯୁକ୍ତା ଓ ସ୍ୱକୀୟ ଯଶରେ ଜ୍ୟୋତିର୍ମୟୀ। ଇନ୍ଦ୍ରାଦି ଦେବଗଣ ମହିଷାସୁର ଦ୍ୱାରା ପରାଜିତ ହୋଇ ସ୍ୱର୍ଗରୁ ବିତାଡ଼ିତ ହେଲେ । ସେମାନେ ବିଷ୍ଣୁଙ୍କ ନିକଟରେ ପହଞ୍ଚିଲେ । ବିଷ୍ଣୁ ତାଙ୍କର ପରାଜୟ ବାର୍ତ୍ତା ଶୁଣି କୋଧରେ କମ୍ପିଲେ । ଏହିପରି ଶିବ, ବହ୍ମା ପ୍ରଭୃତି କ୍ରୋଧରୁ ଉତ୍ପନ୍ନ ମହାତେଜ ସମ୍ମିଳିତ ହେଇ ଏକ ମହଶକ୍ତିରେ ରୂପାନ୍ତରିତ ହେଲେ । ସେହି ସର୍ବ ଦେବଙ୍କ ସମ୍ମିଳିତ ତେଜ ସ୍ୱରୂପା ମହାଲକ୍ଷ୍ମୀ ସିଂହବାହିନୀ ଦୁର୍ଗା ରୂପେ ସର୍ବ ଦେବଦେବୀଙ୍କୁ ପରାସ୍ତ କଲେ। ଏହି ମହାଲକ୍ଷ୍ମୀ ହିଁ ଯୁଗେ ଯୁଗେ ଶାରଦୀୟ ଉତ୍ସବ ବେଳେ ମହିଷାମର୍ଦ୍ଦିନୀ ଦଶଭୂଜା ଦୁର୍ଗା ରୂପେ ପୂଜିତା । ସେ ଦାନଶୀଳା । ମହାଲକ୍ଷ୍ମୀଙ୍କର ସହସ୍ର ନାମ ସ୍ତୋତ୍ରରେ ତାଙ୍କୁ ମହିଷାସୁରର ବିନାଶକାରିଣୀ ନାମରେ ଅଭିହିତ କରାଯାଇଛି । କିନ୍ତୁ ସେ ଧନଦାୟିନୀ ଦେବୀ ରୂପରେ ପୂଜିତା, ବନ୍ଦିତା ଓ ଆରାଧିତା । ତାଙ୍କ ଯୋଗୁଁ ଘର ଧନ ଧାନ୍ୟରେ ପୂରି ଉଠେ । ଏ ପୃଥିବୀ ପ୍ରତି ଆମର ଆକର୍ଷଣ ଓ ଆସକ୍ତି ରହିଥାଏ । ଗଛ, ଲତା, ଝରଣା, ଆକାଶ ମଣିଷ ସବୁ ଭିତରେ ମହାଲକ୍ଷ୍ମୀ ପ୍ରକଟିତ ହୋଇ ଅଛନ୍ତି । ସେ ସିନ୍ଧୁସୂତା । ତାଙ୍କୁ ଲକ୍ଷ୍ମୀସୁକ୍ତ, ମହାଲକ୍ଷ୍ମୀ ମନ୍ତ୍ର ଯନ୍ତ୍ର, ତନ୍ତ୍ର, ଓ ସିଦ୍ଧି ଇତ୍ୟାଦି ବିଧାନ ଦ୍ୱାରା ଉପାସନା କରିବାର ପରମ୍ପରା ରହିଛି। ଚତୁର୍ଭୂଜା ବିଶିଷ୍ଟ ମହାଲକ୍ଷ୍ମୀ ଐଶ୍ୱର୍ଯ୍ୟର ଦେବୀ ରୂପେ ପୂଜା ପାଆନ୍ତି ।

୪. ମହା ସରସ୍ୱତୀ ଚାରି ମହାଶକ୍ତି ଭିତରେ ମହାସରସ୍ୱତୀ ସର୍ବ କନିଷ୍ଠା। ସମସ୍ତ କଳା ସାହିତ୍ୟ, ସଙ୍ଗୀତ, ନୃତ୍ୟ ଭିତରେ ମହା ସରସ୍ୱତୀ ହିଁ ଆନନ୍ଦମୟ ସ୍ୱରୂପରେ ବିଦ୍ୟମାନ ରହିଥାନ୍ତି । ତାଙ୍କୁ ବାକ୍‌ଦେବୀ ମଧ୍ୟ କୁହାଯାଏ । ସେ ହେଉଛନ୍ତି ଜ୍ଞାନର ଦେବୀ । ସେ ହେଉଛନ୍ତି ସର୍ବବ୍ରହ୍ମା ସମସ୍ତ ଶିଳ୍ପ କଳା ଭାସ୍କର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ । ଅତିମାନସ ଶକ୍ତିକୁ ସାଧାରଣତଃ ଆମେ ଜାଗତିକ ପୃଥିବୀ ଉପରେ ମହା ସରସ୍ୱତୀଙ୍କ କୃପାରୁ ଦେଖିଥାଉ । ଯା ଫଳରେ ମାନବ ଏକ ସାଧାରଣ ମାନବରୁ ଦିବ୍ୟମାନବରେ ରୂପାନ୍ତରିତ ହୋଇଥାଏ । ଆମକୁ ଏକ କ୍ଷୁଦ୍ରତର ଚେତନାରୁ ଶାଶ୍ୱତ ଆନନ୍ଦ ଦେବାପାଇଁ ମହା ସରସ୍ୱତୀ ବୃହତର ଚେତନା ଭିତରକୁ ନେଇଯାନ୍ତି ।

ଏ ବିଶ୍ୱ ବ୍ରହ୍ମାଣ୍ଡରେ ସବୁ ବସ୍ତୁ କର୍ମ ଓ ଜୀବନର ଆଧାର ହେଉଛି ଶକ୍ତି । ମହାଲକ୍ଷ୍ମୀ, ମହା ସରସ୍ୱତୀ, ମହାକାଳୀ ଶକ୍ତିର ତିନୋଟି ପ୍ରଧାନ ସ୍ୱରୂପ । ଏହି ମହାଶକ୍ତି ସିଂହବାହିନୀ ଦୁର୍ଗା । ବିଭିନ୍ନ ଶକ୍ତିର ସମନ୍ୱୟରେ ସେ କେଉଁଠି ଚତୁର୍ଭୂଜା, ଅଷ୍ଟଭୂଜା, ଦଶଭୂଜା ଓ ସହସ୍ରଭୂଜା ରୂପ ଧାରଣ କରି ମହିଷାସୁର, ଶୁମ୍ଭ ନିଶୁମ୍ଭ ଓ ମଧୁ କୈଟବ ଆଦି ଦୈତ୍ୟମାନଙ୍କୁ ବିନାଶ କରିଥିଲେ । ମା' ଙ୍କର ଦୁଇଟି ନବରାତ୍ର ପୂଜା ବିଶେଷତଃ ହୁଏ ଚୈତ୍ରମାସରେ ବାସନ୍ତିକ ଦୁର୍ଗାପୂଜା ଯଥା ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇ ରାମନବମୀ ପର୍ଯ୍ୟନ୍ତ ବାସନ୍ତିକ ଦୁର୍ଗାପୂଜା ଏବଂ ଆଶ୍ୱିନରେ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ପର୍ଯ୍ୟନ୍ତ ପାଳିତ ହୁଏ ଶାରଦୀୟ ନବରାତ୍ର । ନବରାତ୍ରି ସମୟରେ ଦେବୀଙ୍କୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମାଣ୍ଡା,ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ ମହାଗୌରୀ ଏବଂ ସିଦ୍ଧିଦାତ୍ରୀ ରୂପେ ପୂଜା କରାଯାଏ। ଦଶହରାର ଅନ୍ୟନାମ ହେଉଛି ବିଜୟା ଦଶମୀ । ଏହି ପବିତ୍ର ଦିବସରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଲଙ୍କା ବିଜୟ ପରେ ସୀତାଙ୍କୁ ସାଥିରେ ଧରି ଅଯୋଧ୍ୟାକୁ ପ୍ରତ୍ୟାବର୍ତନ କରିଥିଲେ। ରାଜ୍ୟର ସବୁ ପ୍ରଜା ନିଜ ନିଜ ଗୃହରେ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶ୍ରୀରାମ ଓ ସୀତାଙ୍କୁ ସ୍ୱାଗତ କରିଥିଲେ । ସେହି ଦିନଠାରୁ ଭାରତର ସର୍ବତ୍ର ବିଜୟା ଦଶମୀ ବା ଦଶହରା ଶକ୍ତି ସ୍ୱରୂପା ଜଗଜ୍ଜନନୀଙ୍କର ଉପାସନା କରାଯାଏ ଆଶ୍ୱିନ ଶୁକ୍ଳ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ । କୁହାଯାଏ ଯେ ମା' ର କୃପାବିନା, କରୁଣା ବିନା ଏ ସୃଷ୍ଟିର ଘନ ରହସ୍ୟକୁ ଉପଲବ୍ଧ କରିବା ଅସମ୍ଭବ । ତେଣୁ କୁହାଯାଇଛି ଶାସ୍ତ୍ର ମାନଙ୍କରେ ମାତୃକୃପା ହି କେବଳମ୍। ମାତୃଶକ୍ତିର କରୁଣା ଲାଭ କରିବାକୁ ହେଲେ ଆମର ମନ ଆତ୍ମା ହୃଦୟ ଓ ଶରୀରରେ ଥିବା ପ୍ରତି ଜୀବକୋଷର ମାତୃଶକ୍ତି ସମ୍ପର୍କରେ ଏବଂ ତାଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନ ରହିବା ଦରକାର । ମାତୃଶକ୍ତି ଉପାସନା ସବୁ ମନ୍ଦିରରେ ପୀଠରେ, ଘରେ ଗ୍ରାମରେ କରାଯାଏ। ପବିତ୍ର ମା ଦୁର୍ଗାଙ୍କର ଶାରଦୀୟ ପୂଜା ଅବସରରେ ଆମ ଭିତରେ ଭରିଯାଉ ଦିବ୍ୟଚେତନା । ପୃଥିବୀ ହେଉ ଶାନ୍ତ, ମଙ୍ଗଳମୟୀ ମା ଦୁର୍ଗା ସହାୟ ହୁଅନ୍ତୁ ସମସ୍ତଙ୍କୁ ଦୁର୍ଦ୍ଦିନ ସମୟରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପ୍ରେମ

ଡ. ଦୀପକ କୁମାର ମିଶ୍ର



ମୁଁ ଜାଣେ,
ତୁମେ ଏବେ ମୁକ୍ତି ଖୋଜୁଥିବା ପକ୍ଷୀଟିଏ ପରି
ଚଞ୍ଚୁ ମାରି କାଟିଚାଲିଛ
ଛୁରୀ ପରି ଘେରିଥିବା
ମଧ୍ୟବୟସ୍କା ମଧ୍ୟାହ୍ନର ପଞ୍ଜୁରିର ଲୁହା,
ଦୋ ଛକିରେ ଛିଡ଼ା ହୋଇଥିବା
ପଥିକଟିଏ ପରି
ଆଗକୁ ପାଦ ବଢ଼େଇ
ପୁଣି ଫେରିଚାହୁଁଛ ପଛକୁ, ପଛକୁ ।

ଦାୟିତ୍ୱ ଓ ଦ୍ୱନ୍ଦ୍ୱ ମଧ୍ୟରେ ଚାଲିଥିବା ଗୁପ୍ତ ବୈଠକରୁ
ସାବଧାନରେ ଦୁରେଇ ରହି ବି
ପଢୁଛ ଏବେ ଗୁପ୍ତ ମନ୍ତ୍ରଣାର ଚୁକ୍ତିପତ୍ରଟିକୁ
ପୁଣି କଲମର ମୁନ ଭାଙ୍ଗିଯିବାର ଯୁକ୍ତି ବାଢ଼ି
ମାଗୁଛ ଆଉ କିଛି ଅଧିକ ମହଲତ ।

ଅବଦମିତ ସ୍ୱାଭିମାନ ଏବେ ଫଣା ଟେକୁଚି,
ବିଷ ଯୋଗାଡ଼ କରୁଚି,
ଫୁତ୍କାରର ଫୁଆରରେ ଗଢୁଚି
ଏକ ନୂତନ ସୂର୍ଯ୍ୟାଲୋକ
ତଥାପି ଚୋଟ ଆଉ ଚୁମା ମଧ୍ୟରେ

ପାତର ଅନ୍ତର କରିବାକୁ ଆଗ୍ରହୀ
ତୁମର ଦୁର୍ବଳ ହୃଦୟ ।

ତୁମକୁ ବିଦାୟ ଦେବି ନା ଅଭିବାଦନ କରିବି
ଜଣା ନାହିଁ
ଅବଶ୍ୟ ସବିଶେଷ ତଥ୍ୟ ଆଧାରରେ
ଏତିକି କହିହେବ ଯେ
ତୁମର ପ୍ରସ୍ଥାନ ଓ ଗନ୍ତବ୍ୟର
ଅପାତତଃ ଗୋଟିଏ ହିଁ ଠିକଣା- 'ମୁଁ ' ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ଆସୁଛନ୍ତି ମା' ଦୁର୍ଗା

ରମାକାନ୍ତ ଦାସ

ଆଶ୍ୱୀନର ଆଗମନେ ଧରଣୀ ହସୁଛି
ନିର୍ମଳ ଗଗନେ ତାରା ଫୁଲ ଫୁଟିଅଛି ।।

କାଶତଣ୍ଡୀ ହସୁଅଛି ଶେଫାଳୀ ବାସୁଛି
ଶ୍ୱେତବସ୍ତ୍ର ପିନ୍ଧି ଧରା ଶିଶିରେ ଭିଜୁଛି ।।

ଚତୁର୍ଦ୍ଦିଗେ ବିଚ୍ଛୁରିତ ହେମମୟ ଖରା
ମାଆଙ୍କର ଆଗମନେ ଉତ୍‌ଫୁଲ୍ଲିତ ଧରା ॥

ନିର୍ମଳ ଆକାଶ ତଳେ ସବୁଜର କ୍ଷେତ
ମର୍ତ୍ତ୍ୟରେ ମାଆ ପାଦରଖ ହେଲାଣି ଶରତ ।।

ସ୍ୱଚ୍ଛ ପୁଷ୍କରିଣୀ ମଧ୍ୟେ ଫୁଟିଛି କୁମୁଦ
ଚଉଦିଗେ ଶୁଭୁଅଛି ଶଙ୍ଖ ଘଣ୍ଟା ନାଦ ॥

ଧରା ଧାମେ ପାଦଦିଅ ମାଆ ଦଶଭୁଜା
ତୁମ ଆଗମନେ ଉଡୁ ବିଜୟର ଧ୍ୱଜା ।।

ଆସ ମାଗୋ କାତ୍ୟାୟିନୀ ମହିଷା ମର୍ଦ୍ଦିନି
ଦୈତନାଶ କାରିଣୀ ମା ଅଭୟ ଦାୟିନୀ ।।

ଆନନ୍ଦ ଉତ୍ସାହେ କମ୍ପେ ଗଗନ ପବନ
ସିଂହବାହିନୀ ମାତ ହୁଅ ସୁପ୍ରସନ୍ନ ।।

ହସ୍ତେ ଖର୍ପର ଖଣ୍ଡା କଣ୍ଠେ ମନ୍ଦାର ମାଳା
ଜୟ ମା ଦୁର୍ଗତୀ ନାଶିନୀ ନାଶ ପାପଜ୍ୱାଳା ।।

ଘେନ ପ୍ରଣିପାତ ମାଗୋ କର ଅମଙ୍ଗଳ ନାଶ
ଦୁଃଖ ତପ ଦୂରକର ଦିଅ ମାଆ ଆଶିଷ ।।

ଆଶିଷ ଦିଅ ମାଗୋ ଯୋଡୁଛି ମୁଁ କର
ତବ କୃପା ବଳେ ନାଶ ହେଉ ଅଜ୍ଞାନ ଅନ୍ଧାର ।।

ବୈରାଗର ଅଧିଷ୍ଠାତ୍ରୀ ମାଗୋ ଅଭୟ ପ୍ରଦାୟିନୀ
କୃପାକର କୃପାମୟୀ ମା ଜଗତ ଜନନୀ ।।

ଶକ୍ତି ସ୍ୱରୁପିଣୀ ମାଗୋ ଦୁର୍ଦ୍ଦଶାକୁ ନାଶ କର
ଧରା ଧାମେ ଅବତରି ଜଗତର ଦୁଃଖ ହର ।।



ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

# ଆସିବେ ଦେବୀ ମାଆ

ଜୟକୃଷ୍ଣ ସାହୁ

ଭୋଦୁଅ ଗଲା ଅଶିଣ ହେଲା
ପୋଖରୀ ଜଳ ବଦଳି ଗଲା
ଦିଶିଲା ନିରୀମଳ,
ଝରଣା କୋଳେ ମଧୁର ଜଳ
ବହିଲା କଳ କଳ।
ସେ ନଈପଠା ପଡିଆ ପାଟ
ଚାମର ଝାଡ଼ି କରିଲା ନାଟ
ସେ ଆଉ କେହି ନୁହେଁ,
ଫୁଲେଇ ରାଣୀ ମୋ କାଶତଣ୍ଡୀ
ନାଚି ସେ ଗୀତ ଗାଏ।
ସଜେଇ ହେଲା ଧରଣୀ ରାଣୀ
ଧରାକୁ ମାଆ ଆସିବେ ଜାଣି
ହସିଉଠିଲା ଗାଆଁ,
ବସ୍ତି ସହର ଉଠିଲେ ହସି
ଆସିବେ ବୋଲି ମାଆ।
ମା'ଦଶଭୁଜା ପାଇବେ ପୂଜା
ପୀଠ ମଣ୍ଡପେ ବାଜିବ ବାଜା
ହୋଇବ ସାଜସଜା,



ଦେବୀ ମା' ପାଦେ ପ୍ରଣତି ଢାଳି
କରିବୁ ଆମେ ମଜା।
ବୋଉ ଛାଣିବ ଆରିସା ପିଠା
ବଜାରୁ ବାବା ଆଣିବେ ମିଠା
ଖେଚୁଡ଼ି ଖିରି ପୁରି,
ମୋ ବୋଉ ହାତ ରାନ୍ଧଣା ପରା
ଲାଗେ ସୁଆଦ ଭାରି।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

# ପାର୍ବଣରେ ପ୍ରିୟତମା

ନଳିନୀ ଦାଶ

ପାର୍ବଣ ସଞ୍ଜରେ ଜହ୍ନ ଉଇଁଗଲେ
ଲାଗେ ପ୍ରିୟତମା ହସେ
ଜୋଛନା ବୁଣିଲେ ଭାବୁଥାଏ ବସି
ହସରୁ ମୁକୁତା ଖସେ ।
ବାଦଲ ଫାଙ୍କରେ ଲୁଚକାଳି ଖେଳେ
ଯେବେ ଦେଇଥାଏ ଧରା
ଭାରି ମନୋହାରୀ ପ୍ରିୟତମା ମୋର
ମୁହଁ ଦିଶୁଥାଏ ତୋରା ।
ତାରାଗଣ ମେଳେ ଆସର ଜମେଇ
ନାଚି ଖେଳି ଗାଏ ଗୀତ
ସନ୍ଧ୍ୟା ଆକାଶକୁ ଚାହିଁ ଦେଲେ ଥରେ
କିଣି ନିଏ ମୋର ଚିତ୍ତ ।
ଜହ୍ନ ରାଇଜର ରାଜଜେମା ସିଏ
କି ସୁନ୍ଦର ତାର ଠାଣି
ମଲ୍ଲୀଫୁଲିଆ ତା ହସରେ ପାରିଛି
ହୃଦୟକୁ ମୋର ଜିଣି ।
ଗୋଲାପି ସଞ୍ଜରେ ଗୋଲାପ ଫୁଲରେ
ସଜେଇଛି ତାର ଗଭା

ରଜନୀଗନ୍ଧାର ଗଜରା ଲମ୍ବାଇ
ଦିଶୁଅଛି କେଡ଼େ ଶୋଭା ।
ତାର ରାଜହଂସୀ ଚାଲିରେ ଫୁଟୁଛି
ପାଦେପାଦେ ପଦ୍ମଫୁଲ
ସରଗପରୀ ସେ ମନ ମଧୁଛନ୍ଦା
କିଏ ! ହେବ ତାର ତୁଲ ।
କାଶଫୁଲ ସାଥେ ମନ ନାଚିଯାଏ
ଦେଖି ଆନମନା ହୋଇ
ଜହ୍ନ ଉଇଁ ଗଲେ କଇଁ ନାଚୁଥାଏ
ପ୍ରିୟକୁ ତା ମନ ଦେଇ ।
ନୀଳନୟନା ସେ ଚପଳମତୀର
ଚାହାଁଣୀ ଲାଗଇ ଚୋରା
ହରିଣୀ ଚାଲିରେ ମନ କିଣିନିଏ
କଥା ତାର ମଧୁଝରା ।
ରୁଣ୍ ଝୁଣ୍ ତାର ପାଉଁଜି ଶବଦ
ମତେ ଆନମନା କରେ
କେତେ ଯେ ସପନ ଦେଖିଛି ଏମନ
ପ୍ରିୟା ପାଇଁ ମନ ଝୁରେ ।



ଓଢଣୀରେ ତାର ତାରାଫୁଲ ଫୁଟେ
ଶୋଭା ଦିଶେ ମଥାମଣି
ମୋ ମନ ମୁକୁର ହସେ ତାକୁ ଦେଖି
କରିବି ମୋ ବଧୂରାଣୀ ।

ଭିକାରିପଡା, ଶରଣକୁଳ, ନୟାଗଡ଼

# ମାଟି ଓ ମୂର୍ତ୍ତି

ଲତିକା ବିଳାସ

ମାଟିର ମହମହ ମହକ.... କ'ଣ ମୂର୍ତ୍ତିରେ ଥାଏ ?
ମାଟି ଭଳି ସେ କ'ଣ.. ସ୍ଫୁର୍ତ୍ତିରେ
ଲହରେଇ ପାରେ ସବୁଜ ପଣତ ??
ଫୁଲ ଫୁଟାଇ ବାସ୍ନାୟିତ .. କରିପାରେ ଚତୁର୍ଦ୍ଦିଗ ?
ଫଳ ଫଳାଇ ମେଣ୍ଟାଇପାରେ କ୍ଷୁଧା ....ନା
ଜଳ ଝରାଇ ତୁଟାଇପାରେ ତୃଷ୍ଣା ???

ମାଟି କ'ଣ କେବେ ଚାହେଁ ... ମୂର୍ତ୍ତି ହେବାକୁ ?
ମାଗେ କି.... ମେଞ୍ଚେ ରଙ୍ଗର ପ୍ରଲେପ ??
ଖଣ୍ଡେ ଚିକ୍ ମିକ୍....ବସ୍ତ୍ରର ବେଢ଼ଣ ???
ଭାରେ... ଓଜନିଆ ଅଳଙ୍କାର ....ଆଉ
ଧାରେ.... ନାଲିଆ ନକଲି ହସ ???

ଚାରିଦିନର ଚମକ
ତା'ପରେ ପୁନଃ ମୃଷିକ ...

ହେଲେ ଶତ ଚେଷ୍ଟା ସତ୍ତ୍ୱେ ବି
ମୂର୍ତ୍ତି କ'ଣ ଆଉ ମାଟି ଭଳି
ମୁକ୍ତ ହସଟେ ହସିପାରେ ?



ତା' ଶୁଦ୍ଧତା ... ଟିକକ ହରଣ ହେଲାପରେ
ନା... ମାଟି ତାକୁ ଆଉ ସ୍ନେହରେ ଆଲିଙ୍ଗେ
ନା.. ପାଣି ତାକୁ ଶ୍ରଦ୍ଧାରେ ଆଦରେ ....

ତଥାପି ଇଚ୍ଛା ଥାଉ.. କି ନ ଥାଉ
ଦେବୀ ସାଜିବାକୁ ସେ
ପ୍ରତିବର୍ଷ... ମାଟିରୁ ମୂର୍ତ୍ତି ହେବାକୁ ବାଧ୍ୟ
ରଙ୍ଗ ମାଖି.. ଝଲମଲ ଦିଶିବାକୁ ବାଧ୍ୟ
ଭୋଗ ନୈବେଦ୍ୟ ଟିକେ ଶୁଙ୍ଘି
ବିକଳାଙ୍ଗ , ବିବସନା ହୋଇ
ପଙ୍କ କାଦୁଅରେ.. ଲୋଟିବାକୁ ବାଧ୍ୟ ....॥।

ଭଟଲି ଛକ, ବରଗଡ଼

# ଆସ ମା'ଅବତରି

ସଂଯୁକ୍ତା ଦାଶ

ଶରତ ଆକାଶରେ
କାହାର ଏ ସ୍ୱର୍ଣ୍ଣାଭ ଉତ୍ତରୀୟ
ଆଶ୍ୱିନର ହିଲ୍ଲୋଳରେ କାହାର
ଏ ନୂପୁର ନିକ୍ୱଣ
ନୃତ୍ୟରତା କାଶତଣ୍ଡି ଗାଉଛି
କାହାର ଆବାହନୀ ଗୀତ
ଗଙ୍ଗଶିଉଳି ପଣତରେ କାହାର
ଏ ଅଳକ୍ତ ରଞ୍ଜିତ ପାଦ ?

ଏଥର ପୁଣି ପାର୍ବଣ ଋତୁ
ସହର ବଜାର ପୁର ପଲ୍ଲୀରେ
କେତେ ମଣ୍ଡପ ମେଢ ସାଜ ସଜ୍ଜା
କେତେ ଉନ୍ମାଦନା ଆୟୋଜନ ପ୍ରସ୍ତୁତିରେ
କିଛି ନାହିଁ ଉଣା
ଯେତେ ଦୁଃଖ ଅଭାବ ଅନାଟନ ଥାଉ ପଛେ
ସବୁକୁ ପଛକରି ମା'ଙ୍କ ନବଦିନାତ୍ମକ ପୂଜାରେ
ବିଭୋର ଆବାଳ ବୃଦ୍ଧ ବନିତା ଯେତେ
ବର୍ଷକର ଅପେକ୍ଷା ଏଇ କେତୋଟି ଦିନକୁ
ବର୍ଷକର ପ୍ରସ୍ତୁତି ମନ ଧ୍ୟାନ ଚୈତନ୍ୟ
ମା'ଙ୍କ ପାଦରେ ସମର୍ପି ଦେବାକୁ
ସାରା ବର୍ଷର ଅସତ୍ୟ ଅନ୍ୟାୟ ଅନୀତିକୁ
ଏଇ ଗୋଟିଏ ଦେବୀ ପକ୍ଷରେ ଶୁଦ୍ଧି କରିବାକୁ
ଏଇତ ମା ଘଣ୍ଟ ଘଣ୍ଟା ଝାଞ୍ଜ ମୃଦଙ୍ଗରେ



ସସାଗରାଧରା ଝଙ୍କୃତ ହେଲାଣି
ଅଗୁରୁ ଚନ୍ଦନ ଗୁଗୁଳ କସ୍ତୁରୀରେ
ମାଟିରୁ ମହାକାଶ ମହକି ଗଲାଣି
ଆଲୁଅ ରୋଷଣୀ ଇନ୍ଦ୍ର ଭୁବନକୁ ଉପହାସ କଲାଣି
'ଯା ଦେବୀ ସର୍ବ ଭୂତେଷୁ' ...ମନ୍ତ୍ରରେ
ଦେହ ମନ ଆତ୍ମା ଉଦ୍‌ବୁଦ୍ଧ ହେଲାଣି
ଶକ୍ତି ପାଇଁ ଭକ୍ତି
ଭୋଗ ପାଇଁ ଯୋଗ
ଶସ୍ତ୍ର ପାଇଁ ଶାସ୍ତ୍ର
ମା' ଜାଣିଛନ୍ତି ଈଶ୍ୱରଙ୍କ ନିକଟତର ହେବା ପାଇଁ
ଅସୁର ମାନଙ୍କ ଛଳ କପଟ ତନ୍ତ୍ର ମନ୍ତ୍ର

ମା !
ମହିଷାସୁରର ମୃତ୍ୟୁ ନାହିଁ ?
ନହେଲେ ତୁମ ବିସର୍ଜନ ପର ଦିନ
ସେ କେମିତି ପୁଣି ଉଠୁଛି ଚେଇଁ ?
ପାରିବତ ମର୍ଦ୍ଦନ କର
ମହିଷାସୁର ପ୍ରବୃତ୍ତି ଆଉ ପ୍ରକୃତିକୁ
ତ୍ରିନେତ୍ରରେ କି ତ୍ରିଶୂଳରେ
ଅନଳରେ ହେଉ ବା ବଜ୍ରରେ
ତାର ଶେଷ ତମ କଣିକା ଭସ୍ମ ହୋଇଯାଉ
ତୁମ ତେଜୋଦୀପ୍ତ ପ୍ରଖର ରଶ୍ମିରେ !

ମୋ-୮୪୨୦୮୯୬୫୪୬

# ପଥର ନଟୀ ମୁଁ ମୋ ଦେହେ ଭରିଛି

ହରିଶ୍ଚନ୍ଦ୍ର ବେହେରା


ପଥର ନଟୀ ମୁଁ ମୋ ଦେହେ ଭରିଛି
କିଏ ସେ ରୋମାଞ୍ଚ କହ
ଶିଳ୍ପୀ ମନର ଆବେଗ କୁ ନେଇ
ବେପଥୁରେ ମହ ମହ ।

ପାଦରେ ବାନ୍ଧିଛି ନୀଳ ନୂପୁର ମୁଁ
ହାତରେ ସୁନା କେୟୂର
ଅଣ୍ଟାରେ ପିନ୍ଧିଛି ରୂପାର ପାଇଁଜି
ଗଳାବନ୍ଧେ ଚନ୍ଦ୍ର ହାର
ପଥର ସ୍ତନରେ କେତେ ଶିହରଣ
ଆତୁର ଏ ଦେହ ଦାହ ।

ଘିଡ଼ି ଘିଡ଼ି ହୋଇ ସୂର୍ଯ୍ୟ ରଥ ଚାଲେ
ସମୟର ବଡ଼ ଦାଣ୍ଡେ

ଅଭିଶପ୍ତ କେଉଁ କୁଷ୍ଠ ରୋଗୀ ଗାଥା
ଘୁରି ବୁଲେ ଲୋକ ତୁଣ୍ଡେ
ନିରବି ଯାଇଛି ନିହଣ ମୁଗୁର
ବଢ଼େଇଙ୍କ ଗହ ଗହ ।

ବିଗତ ଯୌବନା କୋଣାର୍କର ଗାଥା
ଚନ୍ଦ୍ରଭାଗା ଯାଏ ଗାଇ
ପଥର ଆଖିରୁ ଅସୁମାରୀ ସ୍ୱପ୍ନ
କିଏସେ ନେଲା ଚୋରେଇ
ଓଡ଼ିଆ ଶିଳ୍ପୀର କଳା -କଉଶଳ
ଝରି ପଡ଼େ ହୋଇ ଲୁହ ।



କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

# ମାଆ ଆସୁଛନ୍ତି

ଶ୍ରୀ କୁଞ୍ଜ ବିହାରୀ ସାହୁ

ବେଳେ ବେଳେ ମେଘ ଛାତିରୁ ଝରୁଛି
ବରଷା ଟୋପା,
ଅଶିଣ ମାସରେ ଏମିତି ବରଷା
ଦିଶଇ ତୋଫା ।

ଦେଖ ଦେଖ ନଈପଠା ବିଲପାଟେ
ଖୁସିଟେ ବୋଳି,
କାଶତଣ୍ଡୀ ଫୁଲ ଧଳା ଚଅଁରଟି
ଖେଳୁଛି ଦୋଳି ।


କହି କହି ଯାଏ ଆସୁଛନ୍ତି ଦେବୀ
ମରତ ଛୁଇଁ,
ସେଇଥିପାଇଁକି ହସିଲାଣି ଏବେ
ଆକାଶ ଭୂଇଁ ।

ଯେତେ ଯେତେ ଦୁଃଖ ବିପଦ ଆପଦ
ହରିବେ ମାଆ,
ସକଳ ଜୀବଙ୍କୁ ପଣତ ଘୋଡ଼େଇ
ହୋଇବେ ସାହା ।

ଚିକି ଚିକି ଚିକି ନଈ ପାଣି ଧାର
କହିଲା ହସି,
ମାଆ ଆସୁଛନ୍ତି ଖୁସି ବାଣ୍ଟିବାକୁ
ପୀଠରେ ବସି ।

ଭଲ ଭଲ ଲାଗେ ଶରତ ଋତୁର
ଏମିତି ପାଗ,
ଭକତି ପରାଏ ଭକତ ପୂଜିବେ
ଦୁର୍ଗାଙ୍କୁ ଆଗ ।

ଆସ ଆସ ମାଆ ଦୁର୍ଗତିନାଶିନୀ
ହେ ମହାମାୟୀ,
ପୂଜା କରିବାକୁ ଭକତ ସଭିଏଁ
ରହିଛୁ ଚାହିଁ ।



ଭୁବନେଶ୍ୱର
ମୋ-୭୦୦୮୧ ୪୨୦୪୦

# ଭାରତ-ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜ୍ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା

**ମୁମ୍ବାଇ**




ଅକ୍ଟୋବର ପ୍ରଥମ ସପ୍ତାହରୁ ଭାରତ-ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜ୍। ଦୁଇଟି ମ୍ୟାଚ୍ ଖେଳିବେ ଉଭୟ ଟିମ୍। ଏହା ପୂର୍ବ ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କଲା ବିସିସିଆଇ। ଶୁବମନ ଗିଲଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ କାରବିୟାନଙ୍କ ବିରୁଦ୍ଧରେ ଲଢ଼େଇ କରିବ। ରିଷବ ପନ୍ତଙ୍କ ଅନୁପସ୍ଥିତରେ ଉପ-ଅଧିନାୟକ ଦାୟିତ୍ୱ ସମ୍ଭାଳିବେ ରବୀନ୍ଦ୍ର ଜାଡ଼େଜା। ସେହିପରି ୱିକେଟ୍ କିପର ତାଲିକାରେ ଧ୍ରୁବ ଜୁରେଲଙ୍କ ସହ ଏନ୍ ଜଗଦିଶାନଙ୍କୁ ସ୍ଥାନ ମିଳିଛି। ଇଂଲଣ୍ଡ ବିପକ୍ଷରେ ସ୍ଥାନ ପାଇଥିବା କରୁଣ ନାୟକ ୱେଷ୍ଟ ଇଣ୍ଡିଜ୍ ବିରୋଧରେ ବାଦ୍ ପଡ଼ିଛନ୍ତି। ସ୍ଥାନରେ ଦେବଦତ୍ତ ପାଡ଼ିକଲଙ୍କୁ ସୁଯୋଗ ମିଳିଛି। ତେବେ ଟିମ୍ ଇଣ୍ଡିଆର ୧୫ ଜଣିଆ ସ୍କ୍ୱାଡ୍‌ରେ ଦେବଦତ୍ତ ପାଡିକଲ୍ ଏବଂ ୱିକେଟ୍ କିପର ଏନ୍ ଜଗଦିଶାନ ନୂଆ ମୁହଁ ରହିଛନ୍ତି।

ଶୁଭମାନ ଗିଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପ-ଅଧିନାୟକ), ଯଶସ୍ୱୀ ଜୈସୱାଲ, କେ.ଏଲ୍ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡି, ମହମ୍ମଦ ସିରାଜ, ପ୍ରତିଦ୍ଧ୍ କ୍ରୀଷ୍ଣା, କୁଲଦୀପ ଯାଦବ ଏବଂ ଏନ. ଜଗାଦିଶନ। ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଅକ୍ଟୋବର ୨ରୁ ୬ ତାରିଖ ଯାଏ ଚାଲିବ ଏବଂ ଦ୍ୱିତୀୟ ମ୍ୟାଚ୍ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳଯିବ।

# ପାକିସ୍ତାନ ଖେଳାଳିଙ୍କ ଆଚରଣ ନେଇ ଅଭିଯୋଗ କଲା ବିସିସିଆଇ

**ମୁମ୍ବାଇ**

ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ସେପ୍ଟେମ୍ବର ୨୮ ତାରିଖରେ ଖେଳାଳି ଯିବ ଫାଇନାଲ ମ୍ୟାଚ୍। ବୁଧବାର ସୁପର-୪ ରାଉଣ୍ଡରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି ଟିମ୍ ଇଣ୍ଡିଆ। ଗୁରୁବାର ପାକିସ୍ତାନ ବାଂଲାଦେଶକୁ ଭେଟିଛି। ହେଲେ ଏହାରି ଭିତରେ ବିସିସିଆଇ ଏବଂ ପିସିବି ମଧ୍ୟରେ ବିବାଦ ବଢ଼ିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ ବିରୋଧରେ ଆଇସିସିରେ ଫେରାଦ ହୋଇଛି ବିସିସିଆଇ। ପାକ୍ ଖେଳାଳିଙ୍କ ଅଭଦ୍ର ଆଚରଣକୁ ଦୃଷ୍ଟି ଆକର୍ଷଣ କରିଛି। ରବିବାର ଖେଳାଯାଇଥିବା ଭାରତ-ପାକିସ୍ତାନ ମ୍ୟାଚ୍‌ରେ ପାକ୍ ଖେଳାଳି ଔଦ୍ଧତ୍ୟ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଇଣ୍ଟର ନ୍ୟାସନାଲ କ୍ରିକେଟ କାଉନସିଲରେ ଅଭିଯୋଗ କରିଛି ବିସିସିଆଇ। ସାହିବଜାଦା ଫରହାନ ଏବଂ ହାରିସ୍ ରୌଫଙ୍କ ନାଁରେ ଅଭିଯୋଗ ହୋଇଛି।




ଏସିଆ କପରେ ଟିମ୍ ଇଣ୍ଡିଆ ଦୁଇ ଥର ପାକିସ୍ତାନକୁ ପରାସ୍ତ କରିଛନ୍ତି। ମାତ୍ର ଦ୍ୱିତୀୟ ମ୍ୟାଚ୍ ପାକ୍ ଖେଳାଳିଙ୍କ ଔଦ୍ଧତ୍ୟ ଦେଖିବାକୁ ମିଳିଥିଲା। ସାହିବଜାଦା ଫରହାନ ଅର୍ଦ୍ଧଶତକ ହାସଲ ପରେ ବ୍ୟାଟକୁ ବନ୍ଧୁକ ଚଳାଇବା ଭଳି ଢଙ୍ଗରେ ଦେଖାଇ ସେଲିବ୍ରେସନ କରିଥିଲେ। ଫରହାନଙ୍କର ଏପରି ବିବାଦୀୟ ସେଲିବ୍ରେସନକୁ ସମସ୍ତେ ନାପସନ୍ଦ କରିଛନ୍ତି। ସେହିପରି ଅପରେସନ ସିନ୍ଦୁରକୁ ନେଇ ହାରିସ୍ ରୌଫ ବିବାଦୀୟ ଇଙ୍ଗିତ କରିଥିଲେ।

ଯେତେବେଳେ ରୌଫ ବାଉଣ୍ଡାରୀ ଲାଇନରେ ଫିଲ୍ଡିଂ କରୁଥିଲେ, ଏହି ସମୟରେ ଭାରତୀୟ ପ୍ରଶଂସକମାନେ ତାଙ୍କୁ 'ବିରାଟ କୋହଲି' କହି ନାରାବାଜି କରିଥିଲେ। ଜବାବରେ, ରୌଫ୍ ତାଙ୍କ ଆଙ୍ଗୁଠି ସାହାଯ୍ୟରେ ୬-୦ ଇଙ୍ଗିତ କରିଥିଲେ। ଏହି ଇଙ୍ଗିତ ଅପରେସନ୍ ସିନ୍ଦୂର ପରେ ଭାରତ-ପାକିସ୍ତାନ ସୀମାରେ ଘଟିଥିବା ସଂଘର୍ଷ ସମୟରେ ପାକିସ୍ତାନର ଦାବିକୁ ଇଙ୍ଗିତ କରୁଛି। ଯେଉଁଥିରେ ପାକିସ୍ତାନ ୬ ଭାରତୀୟ ଯୁଦ୍ଧ ବିମାନକୁ ଖସାଇ ଦେଇଥିବା ଦାବି କରିଥିଲା।

ସୂଚନା ଅନୁଯାୟୀ, ଏହି ଦୁଇ ଖେଳାଳିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଆଇସିସି ମଧ୍ୟ ଦୁଇ ପ୍ଲେୟାରଙ୍କୁ ଇମେଲ୍ ପଠାଇ ସାରିଛି। ଯଦି ସାହିବଜାଦା ଫରହାନ ଏବଂ ହାରିସ୍ ରୌଫ ଅଭିଯୋଗକୁ ପ୍ରତ୍ୟାଖାନ କରନ୍ତି, ତେବେ ଆଇସିସି ଏଲିଟ୍ ପ୍ୟାନେଲ୍ ରେଫରୀ ରିଚି ରଚାର୍ଡସନଙ୍କ ସାମ୍ନାରେ ଅଭିଯୋଗର ଶୁଣାଣି ହେବ। ଦୁଇ ଖେଳାଳି ଆଇସିସି ଏଲିଟ୍ ପ୍ୟାନେଲ ସାମ୍ନାକୁ ଆସିବାକୁ ବାଧ୍ୟ ହେବେ। ପାକିସ୍ତାନ ଖେଳାଳିଙ୍କ ବିରୋଧରେ କ'ଣ ଆକ୍ସନ ନିଆଯିବ। ଦୁଇ ଖେଳାଳିଙ୍କୁ କ'ଣ ଦଣ୍ଡ ମିଳିବ, ଏହା ରିଚି ରଚାର୍ଡସନଙ୍କ ଫଇସଲା ପରେ ଜଣାପଡ଼ିବ।

# ବାଂଲାଦେଶକୁ ୧୧ ରନ୍‌ରେ ହରାଇଲା ପାକିସ୍ତାନ
## ରବିବାର ଭାରତ ସହ ଫାଇନାଲ ଲଢ଼େଇ

**ଦୁବାଇ**

ଏସିଆ କପ୍ ସୁପର-୪ ଲଢେଇରେ ପାକିସ୍ତାନର ଆଉ ଏକ ବିଜୟ। ବାଂଲାଦେଶ ବିପକ୍ଷରେ ୧୧ ରନ୍‌ରେ ଜିତିଲା ପାକିସ୍ତାନ। ଫାଇନାଲ ଲଢେଇ ପାଇଁ ହେଲା ପଥ ପରିଷ୍କାର। ପୂର୍ବ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇଥିଲା ପାକିସ୍ତାନ। ମାତ୍ର ଗୁରୁବାର ମ୍ୟାଚ୍‌ରେ ଆରମ୍ଭରୁ ପାକିସ୍ତାନକୁ କବ୍‌ଜା କରିଥିଲେ ବାଂଲାଦେଶ ବୋଲର। ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା ପାକିସ୍ତାନ। ଜବାବରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ବାଂଲାଦେଶର। ଦଳକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ସାଇନସା ଆଫ୍ରିଦ। ତଥାପି ଶେଷ ପର୍ଯ୍ୟନ୍ତ ଲଢେଇ କରି ହାଇଯାଇଥିଲା ବାଂଲାଦେଶ। ଆସନ୍ତା ରବିବାର ଫାଇନାଲରେ ଭାରତ ସହ ଲଢିବ ପାକିସ୍ତାନ।

# ମୁଖ୍ୟ କୋଚ୍ ପରିବର୍ତ୍ତନ କଲା ମୁମ୍ବାଇ ଇଣ୍ଡିଆନ୍ସ

**ମୁମ୍ବାଇ**

ମୁମ୍ବାଇ ଇଣ୍ଡିଆନ୍ସ ଟିମ୍‌ରେ କେତେକ ବଡ଼ ପରିବର୍ତ୍ତନ ହେବା ଆରମ୍ଭ ହୋଇଯାଇଛି। ଟିମ୍ ନୂଆ କୋଚର ଚୟନ କରିନେଇଛି। ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ଡବ୍ଲୁପିଏଲରେ ଖେଳିଥିବା ମୁମ୍ବାଇ ଇଣ୍ଡିଆନ୍ସର ନୂଆ ହେଡ୍ କୋଚ୍ ଲିଜା କେଟଲୀଙ୍କୁ କରାଯାଇଛି। ଲିଜା ୱିମେନ୍ସ ପ୍ରିମିୟର ଲିଗ୍ ୨୦୨୬ ଲାଗି ମୁମ୍ବାଇ ଇଣ୍ଡିଆନ୍ସ ସହ ଯୋଡ଼ି ହୋଇ ଅଛି। ଲିଜାଙ୍କ ପୂର୍ବରୁ ଚାର୍ଲୋଟ ଏଡୱାର୍ଡ୍ସ ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ କୋଚ୍ ଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ଟିମ୍‌ର ମାଲିକାଣୀ ନୀତା ଅମ୍ବାନୀ ମୁଖ୍ୟ କୋଚ୍ ଘୋଷଣା ଉପରେ କହିଛନ୍ତି କି, ମୁମ୍ବାଇ ଇଣ୍ଡିଆନ୍ସ ଫ୍ୟାମିଲିରେ ଲିଜା କେଟଲୀଙ୍କୁ ସାମିଲ କରି ମୋତେ ବହୁତ ଖୁସି ଲାଗୁଛି। ଲିଜା ନିଜ ପାଶନ ଏବଂ ଖେଳ ପ୍ରତି ରଖିଥିବା ଇଚ୍ଛା ଫଳରେ କେତେକ ଲୋକଙ୍କୁ ପ୍ରଭାବିତ କରିଛନ୍ତି। ସେ ଆସିବା ଫଳରେ ମୁମ୍ବାଇ ଇଣ୍ଡିଆନ୍ସରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହେବ ଏବଂ ଆମେ ତାଙ୍କ ସହ ଖେଳକୁ ଆହୁରି ମଜବୁତ କରିବା। ଲିଜା କେଟଲୀ ଅଷ୍ଟ୍ରେଲିଆ କ୍ରିକେଟ ଲାଗି ବହୁ ବର୍ଷରୁ ଖେଳି ଆସୁଛନ୍ତି।

ଏହି ଖେଳାଳିଙ୍କ ନିକଟରେ କେତେକ ଦଶନ୍ଧିର ଅନୁଭବ ରହିଛି। ଲିଜା ଅଷ୍ଟ୍ରେଲିଆ ଦୁଇ ଥର ବିଶ୍ୱକପ୍ ୱିନିଂ ଟିମର ଭାଗିଦାରୀ ରହି ସାରିଛନ୍ତି। ୱିମେନ୍ସ ବିଶ୍ୱକପ୍ ୧୯୯୭ ଏବଂ ୨୦୦୫ ଏହି ଦିନରେ ଲିଜା ଅଷ୍ଟ୍ରେଲିଆ ଟିମ୍‌ରେ ସାମିଲ ଥିଲେ। ଯେତେବେଳେ ଟିମ୍ ଟାଇଟେଲ୍ ଜିତିଥିଲା ଏ ଏଭଳି ପ୍ରଥମ ମହିଳା କ୍ରିକେଟର ଅଟନ୍ତି କି ଇଂଲଣ୍ଡର ୱିମେନ୍ସ ନେଶନାଲ ଟିମର ଫୁଲ ଟାଇମ୍ କୋଚ୍ କରାଯାଇଛି।

# ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେବ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍
## ପ୍ରତିଯୋଗିତାରେ ଭାଗନେବେ ୨୨ ଦେଶର କ୍ରୀଡ଼ାବିତ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ପ୍ରଥମ ଥର ପାଇଁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯିବ। ଅକ୍ଟୋବର ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ର ଆୟୋଜନ କରାଯିବ।




ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ।

ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କଜାକିସ୍ତାନ, କିର୍ଗିସ୍ତାନ, ମାଲେସିଆ, ମାଲଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପରେ ଅଂଶଗ୍ରହଣ କରିବେ। ଏହି ଚାମ୍ପିୟନ-ସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍‌ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ୍ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନ ସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ।

ଗୁରୁବାର କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତା ଆୟୋଜନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, 'ଓଡ଼ିଶାରେ ପ୍ରଥମ ଥର ପାଇଁ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫'ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଉଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ ଦ୍ୱାରା ସ୍ୱୀକୃତ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା, କ୍ରୀଡ଼ାବିତ୍‌ମାନଙ୍କର ଆତିଥ୍ୟ, ରହଣି ଓ ସୁରକ୍ଷା ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରାଯିବ। ଏହା ସହିତ ଆସନ୍ତା ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ୪୦ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିଅନସିପର ଆୟୋଜନ କଳିଙ୍ଗ ଷ୍ଟାଡିୟମ ଠାରେ କରାଯିବ। ଆଇଟିଏଫ ମାଷ୍ଟରସ୍ ୧୦୦ ଟେନିସ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ ମଧ୍ୟ ଭୁବନେଶ୍ୱରରେ ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କରାଯିବ। ଏକା ସମୟରେ ତିନୋଟି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବା ଆମ ସରକାରଙ୍କ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କର ବିକାଶ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ସୂଚିତ କରୁଛି। ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ର ଆୟୋଜନ ଆମ ଦେଶ ଓ ଓଡ଼ିଶାରେ ରହିଥିବା ଟେବୁଲ ଟେନିସ୍ ପ୍ରତିଭାମାନଙ୍କୁ ପ୍ରେରିତ କରିବ ବୋଲି ମୁଁ ଆଶା କରୁଛି ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୫ର ଆୟୋଜନ ସଫଳତାର ସହ ହେବ ବୋଲି କହିଛନ୍ତି ଭାରତୀୟ ଟେବୁଲ ଟେନିସ୍ ମହାସଂଘର ସଭାପତି କମଲେଶ ମେହେତା। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନର ସେକ୍ରେଟାରୀ ରବୀନ୍ଦ୍ର ପରିଡ଼ା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ୍. ଗଣେଶନ୍, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ରାଜ୍ୟସ୍ତର ପାଇଁ ୨୦ ଖେଳାଳି ଚୟନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସ୍ଥିତ ଇଣ୍ଡୋର ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ବର୍ଗର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ଉପସ୍ଥିତରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ନିଶାନ୍ତ ରାମ, ମଞ୍ଜିତ ସିଂ, ସ୍ମୃତିରଞ୍ଜନ ସ୍ୱାଇଁ, ମନମୋହନ ମୁର୍ମୁ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ, ପରୀକ୍ଷିତ ହେମ୍ବ୍ରମ ଯୋଗ ଦେଇଥିଲେ। ଆସନ୍ତା ଅକ୍ଟୋବର ମାସ ଦ୍ୱିତୀୟ ସପ୍ତାହରେ ନବରଙ୍ଗପୁର ଜିଲ୍ଲାରେ ଉମରକୋଟ ଇଣ୍ଡୋର ଷ୍ଟାଡିୟମ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତି ରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇପ୍ସିତା ପ୍ରଧାନ, ଦୀପ୍ତିମୟୀ ମାଲାକାର। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅରୁଶ୍ରୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମ.ଡି. ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମ.ଡି. ଅଶିପ ଅଲ୍ଲୀ ଓ ବାଳିକା ବିଭାଗରେ ପ୍ରୀତି ବିନ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର, ଲକ୍ଷ୍ମୀପ୍ରିୟା ଗିରି।



# ସରିଲା ହକି ଇଣ୍ଡିଆ ଲିଗ ମିନି ନିଲାମୀ
## ହେଣ୍ଡରସନ, ଅଗଷ୍ଟିନା ସବୁଠୁ ଦାମୀ ଖେଳାଳି

**ନୂଆଦିଲ୍ଲୀ**

ହକି ଇଣ୍ଡିଆ ଲିଗ (ଏଚ୍‌ଆଇଏଲ)ର ଆଗାମୀ ସଂସ୍କରଣ ପାଇଁ ନୂଆଦିଲ୍ଲୀରେ ମିନି ନିଲାମୀ ସରିଛି। ଉଭୟ ପୁରୁଷ ଓ ମହିଳା ବର୍ଗରେ ଖେଳାଳି ବିକ୍ରି ହୋଇଥିଲେ। ଓଡ଼ିଆ ଗୋଲକିପର ବିବେକ ଲାକ୍ରା ୨୩ ଲକ୍ଷ ଏବଂ ମିଡଫିଲ୍ଡର ଆଦ୍ରୋହିତ ଏକ୍କା ୧୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲେ। ଏହି ଦୁଇ ଜୁନିୟର ଖେଳାଳି ଭାରତୀୟ ଜୁନିୟର ସୁଲତାନ ଜୋହର କପ୍ ଦଳରେ ସ୍ଥାନ ପାଇଛନ୍ତି। ପୁରୁଷ ବର୍ଗରେ ଲାଏନ ହେଣ୍ଡରସନ୍ ଏବଂ ମହିଳାରେ ଅଗଷ୍ଟିନା ଗୋର୍ଜେଲାନି ଏଥର ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେମାନେ ୪୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି।

ମହିଳାରେ ଅଗଷ୍ଟିନାଙ୍କୁ ୪୨ ଲକ୍ଷରେ ବେଙ୍ଗଲ ଟାଇଗର୍ସ, ଗ୍ରାନାଟୋ ମାରିଆ ଜୋସଙ୍କୁ ସୁରମା ହକି କ୍ଲବ୍ ୩୪ ଲକ୍ଷରେ ଏବଂ ଭାଲେଣ୍ଟିନା ରାପୋସୋ ରୁଇଜଙ୍କୁ ବେଙ୍ଗଲ ଟାଇଗର୍ସ ୩୦ ଲକ୍ଷ ଟଙ୍କାରେ କ୍ରୟ କରିଛନ୍ତି। ପୁରୁଷରେ ହେଣ୍ଡରସନଙ୍କୁ ୪୨ ଲକ୍ଷରେ ବେଦାନ୍ତ କଳିଙ୍ଗ ଲାନସର୍ସ, ସାନ୍ଦର ଡି ୱିଜନଙ୍କୁ ତାମିଲନାଡୁ ୩୬ ଲକ୍ଷରେ ଏବଂ ଥିଏସ ପ୍ରିଞ୍ଜ ଏସ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ କ୍ରୟ କରିଛି।




୨୦୨୪-୨୫ ସଂସ୍କରଣରେ ପୁରୁଷ ବର୍ଗରେ ୮ଟି ଦଳ ସାମିଲ ହୋଇଥିଲେ। ଦଳଗୁଡ଼ିକ ହେଲେ ବେଙ୍ଗଲ ଟାଇଗର୍ସ, ସୁରମା ହକି, ହାଇଦ୍ରାବାଦ ତୋଫାନ, ତାମିଲନାଡୁ ଡ୍ରାଗନ୍ସ, ୟୁପି ରୁଦ୍ରାସ, କଳିଙ୍ଗ ଲାନସର୍ସ, ଟିମ୍ ଗୋନାଶିକା ଓ ଏସ୍‌ଜି ପାଇପର୍ସ। ମାତ୍ର ୟୁପି ରୁଦ୍ରାସ ଓ ଟିମ୍ ଗୋନାଶିକା ଏଥର ଓହରି ଯାଇଥିଲେ। ସେମାନଙ୍କ ସ୍ଥାନରେ ରାଞ୍ଚି ରୟାଲ୍ସ ଓ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ ଦଳ ସ୍ଥାନ ପାଇଛନ୍ତି।

ଅଷ୍ଟ୍ରେଲିଆର କୁପର ବର୍ଣ୍ଣସଙ୍କୁ କଳିଙ୍ଗ ଲାନସର୍ସ ୩୪.୫୦ ଲକ୍ଷରେ ଓ ରୁପିନ୍ଦର ପାଲ ସିଂଙ୍କୁ ଏସ୍‌ଜି ପାଇପର୍ସ ୧୨ ଲକ୍ଷରେ କ୍ରୟ କରିଛି। ହାଇଦ୍ରାବାଦ ତା'ର ପୂର୍ବ ଦଳ ବଜାୟ ରଖିଛି। ତେଣୁ ଏଥର ଜଣେ ହେଲେ ବି ଖେଳାଳି କ୍ରୟ କରି ନାହିଁ। ୧୪ ବର୍ଷୀୟ କେତନ ଖୁସୱାଙ୍କୁ ୨.୫ ଲକ୍ଷରେ ବେଙ୍ଗଲ ଟାଇଗର୍ସ କିଣିଛି।

କଳିଙ୍ଗ ଲାନସର୍ସ ୭ ଜଣ ନୂଆ ଖେଳାଳିଙ୍କୁ କିଣିଛି। ସେମାନେ ହେଲେ ଲିଆମ ହେଣ୍ଡରସନ (୪୨ ଲକ୍ଷ), ଅମିତ ଟପ୍ପୋ (୨ ଲକ୍ଷ), ସୁନୀଲ (୨ ଲକ୍ଷ), ବବି ସିଂ ଧାମି (୧୦ ଲକ୍ଷ), କୁପର ବର୍ଣ୍ଣସ (୩୪.୫୦ ଲକ୍ଷ) ଏବଂ କ୍ରାଗ୍ ମାରାଇସ (୧୦ ଲକ୍ଷ)।

ମହିଳାରେ ମିଡ୍‌ଫିଲ୍ଡର ମୋନିକା ଗତ ସଂସ୍କରଣରେ ବିକ୍ରି ହୋଇ ନଥିଲେ। ଏଥର ତାଙ୍କୁ ୧୫ ଲକ୍ଷ ଟଙ୍କାରେ ଏସ୍‌ଜି ପାଇପର୍ସ କିଣିଛି। ଉଦିତା ଗତ ଥର ସବୁଠୁ ମହଙ୍ଗା ଖେଳାଳି ଥିଲେ। କିନ୍ତୁ ଏଥର ପାଇପର୍ସ ତାଙ୍କୁ ୧୦ ଲକ୍ଷରେ କିଣିଛି।

# କ୍ୟାଚ୍ ଛାଡ଼ିବାରେ ଭାରତର ଲଜ୍ଜାଜନକ ରେକର୍ଡ

**ନୂଆଦିଲ୍ଲୀ**

ଭାରତ ଏସିଆ କପର ଫାଇନାଲରେ ସ୍ଥାନ ପକ୍କା କରିଛି। ବାଂଲାଦେଶକୁ ୪୧ ରନରେ ପରାସ୍ତ କରି, ଟିମ୍ ଇଣ୍ଡିଆ ୧୨ତମ ଥର ପାଇଁ ଫାଇନାଲରେ ପହଞ୍ଚିଛି, କିନ୍ତୁ ଏହି ବିଜୟ ସତ୍ତ୍ୱେ, ଏହା ଗୋଟିଏ କ୍ଷେତ୍ରରେ ବହୁତ ପଛରେ ପଡ଼ିଯାଇଛି। ପାକିସ୍ତାନ ମଧ୍ୟ ସେମାନଙ୍କୁ ପଛରେ ପକାଇ ଦେଇଛି। ଟିମ୍ ଇଣ୍ଡିଆ ଏସିଆ କପରେ ସର୍ବାଧିକ କ୍ୟାଚ୍ ଛାଡ଼ିଥିବା ଦଳ ପାଲଟିଛି। ପାକିସ୍ତାନ ପରେ, ଭାରତୀୟ ଖେଳାଳିମାନେ ବାଂଲାଦେଶ ବିପକ୍ଷରେ ମଧ୍ୟ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଥିଲେ, ଯାହା ସେମାନଙ୍କୁ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ କ୍ୟାଚ୍ ଛାଡ଼ିଥିବା ଦଳ କରିଥିଲା।




ଏସିଆ କପ୍‌ରେ ଟିମ୍ ଇଣ୍ଡିଆ ସର୍ବାଧିକ ୧୨ କ୍ୟାଚ୍ ଛାଡ଼ିଛି। ଭାରତର କ୍ୟାଚ୍ ଧରିବା ହାର କେବଳ ୬୭.୫ ପ୍ରତିଶତ। ପାକିସ୍ତାନ ଏହି କ୍ଷେତ୍ରରେ ତାଲିକାରେ ଶୀର୍ଷରେ ଅଛି। ପାକିସ୍ତାନର ସର୍ବାଧିକ କ୍ୟାଚ୍ ହାର ୮୬.୭ ପ୍ରତିଶତ। ଏହା ଦୁଃଖର ବିଷୟ ଯେ ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଓମାନ ଏବଂ ୟୁଏଇର କ୍ୟାଚ ପ୍ରଦର୍ଶନ ମଧ୍ୟ ଟିମ୍ ଇଣ୍ଡିଆ ତୁଳନାରେ ଭଲ। ଭାରତ ପରେ, ହଂକଂ ସର୍ବାଧିକ ୧୧ଟି କ୍ୟାଚ୍ ଛାଡ଼ିଛି। ବାଂଲାଦେଶ ୮ଟି, ଶ୍ରୀଲଙ୍କା ୬ଟି ଏବଂ ଆଫଗାନିସ୍ତାନ ଏବଂ ଓମାନ ପ୍ରତ୍ୟେକ ୪ଟି କ୍ୟାଚ୍ ଛାଡ଼ିଛନ୍ତି। ପାକିସ୍ତାନ କେବଳ ୩ଟି କ୍ୟାଚ ଛାଡ଼ିଛି, ୟୁଏଇ କେବଳ ୨ଟି କ୍ୟାଚ୍ ଛାଡ଼ିଛି।

ଭଲ ବ୍ୟାଟିଂ ଏବଂ ବୋଲିଂ ବଳରେ ଟିମ୍ ଇଣ୍ଡିଆ ଏସିଆ କପ ଫାଇନାଲରେ ପହଞ୍ଚିଛି, କିନ୍ତୁ ଫିଲ୍ଡିଂ ସେମାନଙ୍କ ପାଇଁ ଏକ ବଡ଼ ସମସ୍ୟା। ଫିଲ୍ଡିଂ ବିଭାଗରେ ଅଭିଷେକ ଶର୍ମା ଏବଂ କୁଲଦୀପ ଯାଦବ ସବୁଠାରୁ ନିରାଶ କରିଛନ୍ତି। ଉଭୟ ଖେଳାଳି ବହୁତ କ୍ୟାଚ ଛାଡ଼ିଛନ୍ତି। ଖରାପ କ୍ୟାଚ୍ ହେବାର ଗୋଟିଏ କାରଣ ହେଉଛି ଦୁବାଇରେ ଥିବା ଫ୍ଲଡ୍ ଲାଇଟ, ଯାହା ପୋଲ ଉପରେ ନ ଯାଇ ଷ୍ଟାଡିୟମର ଛାତ ଉପରେ ଲଗାଯାଇଛି। ଏହା ଖେଳାଳିମାନଙ୍କ ପାଇଁ ବଲ ବିଚାର କରିବା କଷ୍ଟକର କରିଦିଏ। ଟିମ୍ ଇଣ୍ଡିଆକୁ ଶୀଘ୍ର ଏହି ସମସ୍ୟାର ସମାଧାନ ଖୋଜିବାକୁ ପଡିବ, ନଚେତ୍ ଫାଇନାଲରେ ସେମାନେ ଗମ୍ଭୀର ପରିଣାମର ସମ୍ମୁଖୀନ ହୋଇପାରନ୍ତି।

# ଅଣ୍ଡର ପାସ୍ ରାସ୍ତାରେ ୬ ଫୁଟ ପାଣି : ପରୀକ୍ଷା ଦେଇପାରିଲେନି ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**ରେଙ୍ଗାଲିକ୍ୟାମ୍ପ, ନ୍ୟୁଜ୍‌ବ୍ୟୁରୋ**

ପ୍ରତିଦିନ ମୋଟର ପମ୍ପ ଯୋଗେ ପାଣି ଖଲାସ କରା ନ ଗଲେ ରାସ୍ତା ବନ୍ଦ। ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି ଅତାବିରା ବ୍ଲକ ଅନ୍ତର୍ଗତ ଲହଣ୍ଡା ପଞ୍ଚାୟତ ଅଧୀନ ଯୋଗିପାଲି ଗ୍ରାମକୁ ଯିବା ରାସ୍ତାରେ ଥିବା ଅଣ୍ଡର ପାସ୍ ରାସ୍ତାରେ। ଲଘୁଚାପ ବର୍ଷା ଯୋଗୁ ୬ଫୁଟ ଉଚ୍ଚର ପାଣି ଜମି ରହିବାରୁ ଗୁରୁବାର ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଯାହାଫଳରେ ୫୦ରୁ ଅଧିକ ଛାତ୍ରଛାତ୍ରୀ ସ୍କୁଲ ଯାଇ ନ ପାରି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି।

ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଚାରିଆଡ଼େ ଶୁଷ୍କ ପଡ଼ିଥିବା ବେଳେ ଅଣ୍ଡର ପାସ୍ ରାସ୍ତାରେ ମୋଟର ପମ୍ପ ଯୋଗେ ପାଣି ଖଲାସୀ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏବେ ଲଗାଣ ବର୍ଷାରେ ଏହି ରାସ୍ତାର ଅବସ୍ଥା କିପରି ହୋଇଥିବ ବେଶ୍ ଅନୁମେୟ। ସୂଚନା ଅନୁସାରେ, ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବାବୁବନ୍ଧରୁ ଯୋଗୀପାଲିକୁ ଯିବା ରାସ୍ତାରେ ରହିଛି ଏକ ଡବଲ ଲାଇନ୍ ରେଳପଥ। ରେଳ ଆସିବା ସମୟରେ ଗେଟ୍ ପଡୁଥିଲା, ଲୋକେ କିଛି ସମୟ ଅପେକ୍ଷା କରୁଥିଲେ। କିନ୍ତୁ ଚାରି/ପାଞ୍ଚ ମାସ ତଳେ ଏଠାରେ ଏକ ଅଣ୍ଡର ପାସ୍ ନିର୍ମାଣ କରାଯାଇଛି ରେଳ ବିଭାଗ ପକ୍ଷରୁ। କିନ୍ତୁ ତାହା ଏତେ ଖାଲୁଆ ହୋଇଛି ଯେ ଗ୍ରୀଷ୍ମ ଋତୁରେ ମଧ୍ୟ ଆଣ୍ଠୁଏ ପାଣି ଜମି ରହୁଛି। ସେ ସମୟରେ ପଥଚାରି ଓ ବାଇକ ଚାଳକ ଯିବା ଆସିବା କରିପାରୁ ନ ଥିଲେ। ତେଣୁ ଗ୍ରାମର ଜଣେ ଯୁବକଙ୍କ ପାଣି ପମ୍ପ ସାହାଯ୍ୟରେ ପ୍ରତିଦିନ ଜଳକୁ ଖଲାସ କରାଯାଉଥିଲା। ଏଥିପାଇଁ ଗ୍ରାମବାସୀ ଯେନତେନ ପ୍ରକାରେ ଉକ୍ତ ଯୁବକଙ୍କୁ ମୋଟର ଚାଳନା ପାଇଁ ତେଲ ଖର୍ଚ୍ଚ ଦେଉଥିଲେ। କାରଣ ପ୍ରତ୍ୟହ ଚାରି ପାଞ୍ଚ ଘଣ୍ଟା ମୋଟର ଚଳାଇବାକୁ ପଡୁଥିଲା। ନ ହେଲେ ରାସ୍ତା ବନ୍ଦ। ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ରେଳ ବିଭାଗ ପକ୍ଷରୁ ଦୁଇ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ଦିନବେଳା ମୋଟ ଚଲାନ୍ତି ଓ ଅନ୍ୟ ଜଣେ ରାତିରେ। ତେବେ ବର୍ତ୍ତମାନ ଲଘୁଚାପ ବର୍ଷା ଯୋଗୁ ଉକ୍ତ ଅଣ୍ଡର ପାସରେ ଗୁରୁବାର ପ୍ରବଳ ପାଣି ଜମି ରହି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ସ୍କୁଲ ଯାଇପାରି ନ ଥିଲେ। କିଛି ସ୍କୁଲ ପିଲା ଏବଂ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଉପରକୁ ଚଢ଼ି ଜୀବନକୁ ବାଜି ଲଗାଇ ରେଳ ଧାରଣା ପାର ହୋଇ ଯିବା ଆସିବା କରିବାକୁ ବାଧ୍ୟ ହୋଇଥିଲେ। କିଛି ସ୍କୁଲ ପିଲା ରେଳ ଲାଇନ୍ ପାର ହେବା ବେଳକୁ ଟ୍ରେନ ଆସିଯାଇଥିଲା। ସୌଭାଗ୍ୟବଶତଃ ସେମାନେ ଦଉଡ଼ି ପଳାଇ ଆସିଥିଲେ। ଫଳରେ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ଏହି ଅଣ୍ଡର ପାସ ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହୋଇଛି। ହେଲେ ଫଳ ତାହାର ଓଲଟା ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଓଭର ବ୍ରିଜ ପାଇଁ ପ୍ରଶସ୍ତ ଭୂମି ମଧ୍ୟ ରହିଥିଲେ ହେଁ ରେଳ ବିଭାଗର ଏମିତି କାର୍ଯ୍ୟକୁ ଲୋକେ ନିନ୍ଦା କରିଛନ୍ତି।

ଏହି ରାସ୍ତା ଦେଇ ପ୍ରତ୍ୟହ ଯାଙ୍ଗେଡ଼, ଲହଣ୍ଡା, ଆମ୍ଳିପାଲି, ପାହାର ଶ୍ରିଗୀଡା, ସିଲେଟ, ଖରମୁଣ୍ଡା ଆଦି ୬/୭ଟି ପଞ୍ଚାୟତର ହଜାର ହଜାର ଲୋକେ ଯିବା ଆସିବା କରୁଛନ୍ତି। ଏଠାରେ ଓଭର ବ୍ରିଜ ନିର୍ମାଣ ହେଲେ ଏହି ରାସ୍ତା ସମ୍ବଲପୁର ମହାନଗରଠାରୁ ଆମ୍ଭାଭୋନା ଭୁକ୍ତା ପର୍ଯ୍ୟନ୍ତ ସଂଯୋଗ ହୋଇଯିବ।

# ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

**କେନ୍ଦୁଝର, ନ୍ୟୁଜ୍**

ଆସନ୍ତା ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେବାକୁଥିବା ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୫ ଅବ୍ୟବହିତ ପୂର୍ବରୁ କେନ୍ଦୁଝର ଡିଏନ ହାଇସ୍କୁଲରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଯେଉଁଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିବା ବେଳେ ପର୍ଯ୍ୟଟନ, ଐତିହ୍ୟ ଏବଂ ସଂସ୍କୃତି ଉପରେ ସଚେତନତା ପ୍ରସାର କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରିବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି। ପ୍ରତିଯୋଗିତା କନିଷ୍ଠ ଏବଂ ବରିଷ୍ଠ ଦୁଇଟି ବର୍ଗରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେକ ବିଭାଗର ଅଂଶଗ୍ରହଣକାରୀଙ୍କ ଜ୍ଞାନ ଏବଂ ଆତ୍ମବିଶ୍ୱାସର ଏକ ଉତ୍ସାହୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। କନିଷ୍ଠ ବର୍ଗରେ ଡିଏନ ହାଇସ୍କୁଲ, ଦଶମ ଶ୍ରେଣୀର ପୀୟୁଷ ରଞ୍ଜନ ଦାଶ ପ୍ରଥମ, ରବୀନ୍ଦ୍ର ବିଦ୍ୟା ନିକେତନର ନବମ ଶ୍ରେଣୀର ଆୟୁଷ ପୁହାଣ ଦ୍ୱିତୀୟ ଏବଂ ଓଏଭି, ବଡ଼ପଳାସ ଅଷ୍ଟମ ଶ୍ରେଣୀର ସିଦ୍ଧି ରୁଦ୍ରାକ୍ଷ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ, +୩ ତୃତୀୟ ବର୍ଷର ନିତା ପତି ପ୍ରଥମ, ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝରର +୨ ଦ୍ୱିତୀୟ ବର୍ଷର ଶତାବ୍ଦୀ ଚୌଧୁରୀ ଦ୍ୱିତୀୟ ଏବଂ ଆନନ୍ଦପୁର ଡିଗ୍ରୀ କଲେଜର +୩ ପ୍ରଥମ ବର୍ଷ କଳାର ଭାନୁରଞ୍ଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷକ, ଛାତ୍ର ଏବଂ ଉପସ୍ଥିତ ଅତିଥିମାନଙ୍କଠାରୁ ବ୍ୟାପକ ପ୍ରଶଂସା ପାଇଥିଲା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ବିକାଶକୁ ପ୍ରୋତ୍ସାହିତ କରିବାରେ ପର୍ଯ୍ୟଟନର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା। ଏହି କୁଇଜ୍ କେବଳ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରିନଥିଲା ବରଂ ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟଟନ ଏବଂ ଐତିହ୍ୟ ବିଷୟରେ ସେମାନଙ୍କର ଜ୍ଞାନକୁ ପରିବ୍ୟାପ୍ତ କରିବାକୁ ଉତ୍ସାହିତ କରିଥିଲା, ଏହାକୁ କେନ୍ଦୁଝରର ଯୁବ ମନ ପାଇଁ ଏକ ସ୍ମରଣୀୟ ଏବଂ ଶିକ୍ଷଣୀୟ ଅବସର କରିଥିଲା। କୁଇଜ୍ ପ୍ରତିଯୋଗିତାକୁ ସାଇଜ କୁମାର ରଣା, ସଂଗୀତା ମହାରଣା, ଅଜ୍ଞାନ କୁମାର ଚାନ୍ଦ ଓ ଶାନ୍ତନୁ କୁମାର ମହାପାତ୍ର ବିଚାରକ ଭାବେ ଯୋଗଦେଇଥିଲା ବେଳେ ନରେଶ ପଟ୍ଟନାୟକ ଓ ଡିଏନ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ କେନ୍ଦୁଝର ରମେଶ ଚନ୍ଦ୍ର ନାଏକ ପରିଚାଳନା କରିଥିଲେ।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର...

ସୁରୁଖୁରୁରେ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସୁରକ୍ଷା ବ୍ୟବସ୍ଥା ଯେଭଳି ଠିକ୍ ରହିବ ସେନେଇ ସଚେତନ ରହିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର, ସଂଗଠନ ସମ୍ପାଦକ ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ସଭାସ୍ଥଳ ସ୍ଥିତି ...

ଏଡିଜି ଆଇନ ଶୃଙ୍ଖଳା ସନ୍ତୋଷ ବାଲା, ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଝାରସୁଗୁଡ଼ା ଏସ୍‌ପି ଜି ଆର ରାଘବେନ୍ଦ୍ର, ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ସୋନପୁର ଏସ୍‌ପି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆସୁଛି ବଡ଼...

ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶାସନ ସଂପୂର୍ଣ୍ଣ ରୂପରେ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି। ଏଥି ନିମନ୍ତେ ଜନସାଧାରଣ କୌଣସି ପ୍ରକାର ଗୁଜବ ଯୋଗୁଁ ଭୟଭୀତ ହେବା ଅନାବଶ୍ୟକ ବୋଲି ସେ କହିଛନ୍ତି।

## ଚାଲିପାରିଲାନି ...

ଅପଚୟ ହୋଇଥିବା ବେଳେ ୨୨ ତାରିଖ ଚତୁର୍ଥ ଦିନରେ ଗୃହ କାର୍ଯ୍ୟ ୫ ମିନିଟ୍ ପାଇଁ ଚାଲିଥିଲା ଓ ୨ ଘଣ୍ଟା ୫୩ ମିନିଟ୍ ଲ୍ୟାପ୍ସ ହେଲା। ୨୩ ତାରିଖ ହଟ୍ଟଗୋଳ ଭିତରେ ଗୃହ ୨ ଘଣ୍ଟା ୩୭ ମିନିଟ୍ ଚାଲିଥିଲା ବେଳେ ୩ ଘଣ୍ଟା ୫୦ ମିନିଟ୍ ଅପଚୟ ହୋଇଥିଲା। ୨୪ ତାରିଖ ଷଷ୍ଠ ଦିନ ବିରୋଧୀ କଂଗ୍ରେସର ହଟ୍ଟଗୋଳ, ନାରାବାଜି, ପୋଷ୍ଟର ପ୍ରଦର୍ଶନ ଓ ବିକ୍ଷୋଭ ଯୋଗୁ ପ୍ରଶ୍ନୋତ୍ତର ବାଧାପ୍ରାପ୍ତ ହେବା କାରଣରୁ ବାଚସ୍ପତି ଅଧଘଣ୍ଟା (୩୦ ମିନିଟ୍) ପାଇଁ ଗୃହକୁ ମୁଲତବୀ କରିଥିଲେ। ଯଦିଓ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାର ମୌସୁମୀ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ଅଧିବେଶନର ଅବ୍ୟବହିତ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଇ ସବୁ ଦଳ ନେତାଙ୍କ ସହଯୋଗ କରିଥିଲେ, ତାହାର ଫଳ କିନ୍ତୁ ଏହି ଅଧିବେଶନରେ ଦେଖିବାକୁ ମିଳିନଥିଲା। ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ପରସ୍ପର ମଧ୍ୟରେ ପ୍ରତିଯୋଗିତା ଲଗାଇ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଗୃହରେ ସରାକରକୁ ଘେରିବାକୁ ଯାଇ ହଟ୍ଟଗୋଳ, ନାରାବାଜି ସୃଷ୍ଟି କରିବାରୁ ଅଚଳାବସ୍ଥା ଲାଗି ରହିଥିଲା। ବାଚସ୍ପତି ଏଥିପାଇଁ ଗୃହରେ ଏକାଧିକବାର ଶୃଙ୍ଖଳାର ସହ ଗୃହ ଚଳାଇବାକୁ ସହଯୋଗ କରନ୍ତୁ ବୋଲି ବିଧାୟକମାନଙ୍କୁ ନିବେଦନ କରିଥିଲେ ମଧ୍ୟ ତାହାର ଫଳ ଜଣାପଡ଼ି ନଥିଲା। ଅନ୍ୟ ପକ୍ଷରେ ବିରୋଧୀ ଦଳ ନେତା ଏହି ଅଧିବେଶନ କାଳରେ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହିବାରୁ ବିଜେଡ଼ିର ବିଧାୟକମାନଙ୍କ ମଧ୍ୟରେ ଗୃହରେ ଆଲୋଚନା ପାଇଁ ସେତେଟା ଆଗ୍ରହ ପରିଲକ୍ଷିତ ହୋଇନଥିଲା। ଦଳର ଅଳ୍ପ କେତେଜଣ ବରିଷ୍ଠ ବିଧାୟକ ଯଥା ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରି ନାରାୟଣ ପାତ୍ର, ଅଶ୍ୱିନୀ ପାତ୍ର, ନିରଞ୍ଜନ ପୂଜାରୀ, ଅରୁଣ ସାହୁ ଓ ଗଣେଶ୍ୱର ବେହେରା ପ୍ରମୁଖ ଗୃହରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିବା ବେଳେ ବିଧାୟକ ସାରଦା ପ୍ରସାଦ ଜେନା, ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ବ୍ରଜ ପ୍ରଧାନ ପ୍ରମୁଖ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସରକାରଙ୍କ ବିରୋଧରେ ସ୍ୱର ଉଠାଇଥିଲେ। ସେମାନେ ନାରୀ ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କ ଠାରୁ ଉତ୍ତର ଦାବି କରି ଗୃହରେ ହଟ୍ଟଗୋଳ, ନାରାବାଜି କରିବା ସହ ଗୃହରୁ କକ୍ଷତ୍ୟାଗ କରିଥିଲେ। ସେହିପରି ବିଜେଡ଼ି ବିଧାୟକମାନେ ଚାଷୀ, ସାର ଅଭାବ, ଆଇନ ଶୃଙ୍ଖଳା, ପଞ୍ଚାୟତ କ୍ଷମତା ସଙ୍କୁଚିତ ପ୍ରସଙ୍ଗରେ ଗୃହ ମଝିକୁ ଆସି ଏକାଧିକବାର ବିକ୍ଷୋଭ ପ୍ରଦର୍ଶନ ସହ ନାରାବାଜି ଚଳାଇବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସେଥିପାଇଁ ବାଚସ୍ପତିଙ୍କୁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ଏହି ସଂକ୍ଷିପ୍ତ ଅଧିବେଶନ କାଳରେ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଦୁଇ ଦୁଇଥର ଅନାସ୍ଥା ପ୍ରସ୍ତାବ ନୋଟିସ୍ ଦିଆଯାଇଥିଲା। ତେବେ ବିଧାନସଭାର ବିଧି ବ୍ୟବସ୍ଥା ଓ ନିୟମାବଳୀ ଅନୁସାରେ ବାଚସ୍ପତି ଏହି ଅନାସ୍ଥାପ୍ରସ୍ତାବ ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ। ଏହାର ପ୍ରତିବାଦରେ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରି ବିଧାନସଭା ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇଥିଲେ। ଅଧିବେଶନ କାଳରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ ଯଥାକ୍ରମେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗୃହରେ ବିଚାର ଆଲୋଚନା ଓ ପାରିତ ପାଇଁ ଆସିଥିବା ବେଳେ ଶେଷ ଦୁଇଦିନ ଦ୍ୱିତୀୟାର୍ଦ୍ଧ ବୈଠକରେ ଏହା ଉପରେ ଗୃହରେ ଆଲୋଚନା ହୋଇଥିଲା। ସେହିପରି ଜିଏସଟି ସଂଶୋଧନ ସଂକ୍ରାନ୍ତ ସଂକଳ୍ପ ଉପରେ ମଧ୍ୟ ଗୃହରେ ଦୁଇଦିନ ଆଲୋଚନା କରାଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀ ଏହାର ଉତ୍ତର ଦେବା ପରେ ତାହା ପାରିତ ହୋଇଥିଲା। କେବଳ ବିଜେଡ଼ି ଓ ବିଜେପିର ବିଧାୟକମାନେ ଏହି ଆଲୋଚନାରେ ଭାଗ ନେଇଥିବା ବେଳେ କଂଗ୍ରେସ ଦଳ ଏହାକୁ ବର୍ଜନ କରିଥିଲେ। ଦିନକ ପୂର୍ବରୁ ଅର୍ଥାତ୍ ୨୫ତାରିଖରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିବା ଅଧିବେଶନକୁ ୨୪ ତାରିଖରେ ଶେଷ କରିବାକୁ ଗୃହରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବିଧିବଦ୍ଧ ପ୍ରସ୍ତାବ ଆଗତ କଲାପରେ ଏହାକୁ ଗୃହରେ ବିଜେପି ବିଧାୟକ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ସମର୍ଥନ ଜଣାଇବା ପରେ ମୁଖ୍ୟମନ୍ତ୍ରୀ ଭାଲିଡେଟାରୀ ସ୍ପିଚ୍ ବା ବିଦାୟକାଳୀନ ସମ୍ଭାଷଣ ଦେବାକୁ ବାଚସ୍ପତି ଡାକିଥିଲେ। ତଦନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ବାଚସ୍ପତି ଓ ଉପବାଚସ୍ପତିଙ୍କ ସମେତ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଦୁର୍ଗାପୂଜା, ଦଶହରା ପାଇଁ ଆଗୁଆ ଅଭିନନ୍ଦନ ଓ ଶୁଭେଚ୍ଛା ମଧ୍ୟ ଜଣାଇଥିଲେ। ବିଧାନସଭାର ସଂକ୍ଷିପ୍ତ ମୌସୁମୀ ଅଧିବେଶନର ଗୁରୁତ୍ୱ ରହିଥିବା ଦର୍ଶାଇ ଶେଷଦିନରେ ବିରୋଧୀ ଦଳ ଯେଉଁ ପ୍ରକାର ସହଯୋଗ କଲେ, ଆଗରୁ ତାହା କରିଥିଲେ ଗୃହ ଆହୁରି ଭଲରେ ଚାଲିପାରିଥାନ୍ତା ଏବଂ ସମସ୍ତଙ୍କ ସମସ୍ୟା ଓ ଦୁଃଖ ବୁଝିହୋଇ ପାରିଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ ହସି ହସି କହିଥିଲେ।

## ସ୍ୱଚ୍ଛତା ହିଁ ସେବା...

ଆମେ ଏଠାରେ ଏକତ୍ରିତ ହୋଇଛୁ। ଏହା ଆମ ପାଇଁ ସଂକଳ୍ପର ଅବସର। ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡ଼ିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟକରିବାକୁ ପଡ଼ିବ। ସେ ପୁଣି କହିଥିଲେ ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ଉତ୍ସାହ, ଆଗ୍ରହ ଓ ସହଯୋଗ ବଳରେ 'ଏକ୍ ପେଡ୍ ମା କେ ନାମ୍ ୨.୦' ଅଭିଯାନରେ ଆମେ ଧାର୍ଯ୍ୟ ଲକ୍ଷ୍ୟର ନିକଟବର୍ତ୍ତୀ ହୋଇସାରିଲୁଣି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାରତବର୍ଷରେ ଓଡ଼ିଶାର ସ୍ୱତନ୍ତ୍ରତା ରହିଛି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, କର୍ପୋରେଟର ବୃନ୍ଦ, ସମାଜସେବୀ ଜଗନ୍ନାଥ ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ।

## ଅଳିଆରୁ ପ୍ରସ୍ତୁତ ...

ମାଆ ମାନଙ୍କୁ ଟ୍ରେନିଂ ଦିଆଯାଇଛି। ମାତ୍ର ଅନେକ ସମୟରେ ଭୁବନେଶ୍ୱରରେ ଏହାକୁ ନେଇ ବିରୋଧଭାଷ ମଧ୍ୟ ଦେଖିବାକୁ ମିଳୁଛି। ତେବେ ସହର ବୃଦ୍ଧି ସାଙ୍ଗକୁ ଅଳିଆ ସମସ୍ୟା ମଧ୍ୟ ବଢୁଛି। ଯାହାକୁ ନଜରରେ ରଖି ଭୁବନେଶ୍ୱର ମହାନଗର ନିଗମ ୱେଷ୍ଟେ ଟୁ ଏନର୍ଜି ପ୍ଲାଣ୍ଟ, ବାୟୋଗ୍ୟାସ କମ୍ପୋଷ୍ଟିଂ ପ୍ଲାଣ୍ଟ, ଏବଂ ୱେଷ୍ଟେ ଟୁ ବ୍ରିକେଟ ବା ଚାରକୋଲ ପ୍ଲାଣ୍ଟ ନିର୍ମାଣ ପାଇଁ ଚିନ୍ତା କରୁଛି। ନିଷ୍ପତ୍ତି ହେବାର ୬ମାସ ମଧ୍ୟରେ ପ୍ଲାଣ୍ଟ କାମ ସାରିବାକୁ ଆମର ଲକ୍ଷ୍ୟ ଅଛି। ତେବେ ୱେଷ୍ଟ ଟୁ ଏନର୍ଜି ପ୍ଲାଣ୍ଟ ଏକ ଇଣ୍ଡଷ୍ଟ୍ରି। ଯାହାକୁ ନେଇ କିଛି କନସଲଟାଣ୍ଟ ଏବଂ ଏକ୍ସପର୍ଟମାନଙ୍କ ସହ ଆଲୋଚନା ଚାଲିଛି । ଭୁବନେଶ୍ୱର, କଟକ, ପୁରୀ, ଜଟଣୀ ଭଳି ପ୍ରମୁଖ ମୁନିସିପାଲିଟିରୁ ବାହାରୁ ଥିବା ସମସ୍ତ ଅଳିଆକୁ ଗୋଟିଏ ଜାଗାରେ ପ୍ରୋସେସ କରିବାର ଯୋଜନା ରହିଛି। ବର୍ତ୍ତମାନ ଡିପିଆର କାମ ଜାରି ରହିଛି। ଆଗାମୀ ଦିନରେ ଡିପିଆର ଆସିଲେ ଆମେ ସ୍ପଷ୍ଟ କହିପାରିବୁ। ପ୍ରାୟ ଏକ ହଜାର କି ଦୁଇ ହଜାର ଟନ ଅଳିଆରୁ ୨୫ ମେଗାୱାଟ ଏନର୍ଜି ମିଳିବ । କେବଳ ସେତିକି ନୁହେଁ ଆଗାମୀ ଦିନରେ ବିଭିନ୍ନ କର୍ପୋରେସନ କିମ୍ବା ମୁନିସିପାଲିଟି ଯେଉଁ ଅଞ୍ଚଳଗୁଡିକ ପଞ୍ଚାୟତରେ ଅଛି ଏବଂ ପରବର୍ତ୍ତୀ ସମୟରେ ମୁନିସିପାଲିଟିରେ ମିଶିବ ସେ ଅଞ୍ଚଳରେ ଅଳିଆକୁ ମଧ୍ୟ ବ୍ୟବହାର ଯୋଜନା ରଖିଛନ୍ତି ରାଜ୍ୟ ସରକାର।

## ମର୍ମନ୍ତୁଦ ବସ୍ ...

ନ ଥାଏ । ଖବରପାଇ କେବଲାଙ୍ଗ ପୁଲିସ୍ ସମେତ , ଅଗ୍ନିଶମ ବାହିନୀ, ସ୍ଥାନୀୟ ଲୋକେ ବସ୍‌ର ଝରକା , ପଛ କାଚ , ରଡ୍ ଗୁଡାକୁ କାଟି ଲୋକଙ୍କୁ ବାହାର କରିଥିଲେ । ଯେଉଁଥିରେ ଘଟଣା ସ୍ଥଳରେ କଣ୍ଡକ୍ଟର ସମେତ ୫ ଜଣ ସବର ବଳ (୫୩) , ପୁଷ୍ପା ଗୋପ ( ୫୬) ,ମେରୀ ନାଗ ( ୫୦ ) ,ସତ୍ୟଭାମା ଠାକୁର (୫୫) ,କରମପାଲ ସିଂ (୪୫ ) ମୃତ୍ୟୁ ଘଟିଥିଲା । ଅନ୍ୟପଟେ ଆହତ ମାନଙ୍କୁ କେବଲାଙ୍ଗ ସିଏଚସିକୁ ନେଇଥିଲେ। ସେଠାରେ ଗୁରୁତର ଥିବା ୧୦ ଜଣ ଯାତ୍ରୀ ମାନଙ୍କୁ ରାଉରକେଲା ସରକାରୀ ହସପିଟାଲ କୁ ସ୍ଥାନାନ୍ତର କରାଯାଇଥିଲା। ଯେଉଁଥିରେ ବାଟରେ ଜଣଙ୍କ ମୃତ୍ୟୁ ଘଟିଛି । ଶବଗୁଡିକୁ ନିକଟସ୍ଥ ଲହୁଣୀପଡା ଡାକ୍ତରଖାନାରେ ରଖାଯାଇଥିଲା। ଦୁର୍ଘଟଣା ଏତେ ହୃଦୟବିଦାରକ ଯେ ମୃତ ବ୍ୟକ୍ତି ମଧ୍ୟରେ ଜଣଙ୍କ ମୁଣ୍ଡ ବି ନାହିଁ । ୬ ଜଣ ମୃତକଙ୍କ ମଧ୍ୟରୁ ୪ ଜଣ ମହିଳା ଥିବା ବେଳେ ୨ ଜଣ ପୁରୁଷ ରହିଛନ୍ତି । ଘଟଣା ସ୍ଥଳରେ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ ସମେତ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ଚାରିଟି ଥାନା ଅଧିକାରୀ, ସରପଞ୍ଚ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଆହତ ମାନଙ୍କୁ ହସପିଟାଲ ନେଇ ରାସ୍ତା ଜାମ୍ ହଟାଇଥିଲେ । ବାରମ୍ବାର ଏ ଘଟଣା ଘଟୁଥିଲେ ସୁଦ୍ଧା ଏମିତି ଜୀବନ ଯାଇ ଚାଲିଛି।

## ମୃତକଙ୍କ ପରିବାର ...

ମେରୀ ନାଗ । ଏହି ଦୁର୍ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହି ଦୁଃଖଦ ଘଟଣାରେ ମୃତକଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ମାଧ୍ୟମରେ ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଆର୍ଥିକ ସହାୟତା ମୃତକଙ୍କ ପରିବାରକୁ ଏହି ଦୁର୍ଭାଗ୍ୟଜନକ ସମୟରେ କିଛି ମାତ୍ରାରେ ସାହାଯ୍ୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ବିନା କାରଣରେ ଟ୍ରେନ ଶୃଙ୍ଖଳ (ଚେନ୍) ଟାଣନ୍ତୁ ନାହିଁ : ପୂର୍ବତଟ ରେଳପଥ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଯାତ୍ରା ସମୟରେ ଟ୍ରେନରେ ଆଲାର୍ମ ଚେନ୍ ପୁଲିଂ ସୁବିଧାର ଅପବ୍ୟବହାର ନକରିବାକୁ ଅନୁରୋଧ କରିଛି । ଆଲାର୍ମ ଚେନ୍ ବାରମ୍ବାର ଟାଣିବା ଦ୍ୱାରା ଟ୍ରେନଗୁଡ଼ିକ ଅନାବଶ୍ୟକ ଭାବରେ ଅଟକ ରହେ ଯାହାଦ୍ୱାରା ସମୟାନୁବର୍ତ୍ତିତା ପ୍ରଭାବିତ ହୁଏ ଏବଂ ହଜାର ହଜାର ଯାତ୍ରୀଙ୍କୁ ଅସୁବିଧା ହୁଏ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଆଲାର୍ମ ଚେନ୍ ପୁଲିଂର ୧୦ ଟି ମାମଲା ରୁଜୁ ହୋଇଥିଲା । ଏଥିମଧ୍ୟରୁ ୫ ଜଣଙ୍କୁ ସେମାନଙ୍କ ବେଆଇନ କାର୍ଯ୍ୟ ପାଇଁ ଗିରଫ କରାଯାଇଥିଲା। ଚେନ୍ ପୁଲିଂ କେବଳ ଚିକିତ୍ସା ସହାୟତା, ଅଗ୍ନି ବିପଦ କିମ୍ବା ସୁରକ୍ଷା ଚିନ୍ତା ଭଳି ପ୍ରକୃତ ଜରୁରୀକାଳୀନ ପରିସ୍ଥିତି ସମୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ । ତଥାପି, ଏହି ସୁବିଧାର ଅପବ୍ୟବହାର କେବଳ ସୁଗମ ଟ୍ରେନ ପରିଚାଳନାକୁ ବାଧା ଦିଏ ନାହିଁ ବରଂ ରେଳ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଥାଏ । ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ଆଲାର୍ମ ଚେନ୍ ପୁଲିଂ ମାମଲାଗୁଡ଼ିକର ପରିସଂଖ୍ୟାନ: ୨୦୨୪ କ୍ୟାଲେଣ୍ଡର ବର୍ଷରେ, ଚେନ୍ ପୁଲିଂ ପାଇଁ ୧୭୬୧ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ମୋଟ ୮,୧୪,୮୦୦/- ଜରିମାନା ଆଦାୟ କରାଯାଇଥିଲା । ୨୦୨୫ ରେ (୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ), ଚେନ୍ ପୁଲିଂ ମାମଲାରେ ୧୪୮୦ ଜଣଙ୍କୁ ଗିରଫ କରାଯାଇସାରିଛି । କେବଳ ୨୦୨୫ ସେପ୍ଟେମ୍ବରରେ, ୭୮ ଜଣଙ୍କୁ ଏସିପି ପାଇଁ ଗିରଫ କରାଯାଇଥିଲା ଯାହା ଫଳରେ ଟ୍ରେନଗୁଡ଼ିକ ବାରମ୍ବାର ଅଟକ ରହିଥିଲା ଏବଂ ରେଳମଣ୍ଡଳରେ ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରିଥିଲା । ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ଆଲାର୍ମ ଚେନ୍ ପୁଲିଂର ପରିଣାମ ବିଷୟରେ ସଚେତନ କରିବା ପାଇଁ ନିରନ୍ତର ସଚେତନତା ଅଭିଯାନ ଚଳାଇ ଆସୁଛି । ଏହି ସୁବିଧାର ଅପବ୍ୟବହାର କେବଳ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଆକର୍ଷିତ କରେ ନାହିଁ ବରଂ ସହଯାତ୍ରୀମାନଙ୍କୁ କଷ୍ଟ ମଧ୍ୟ ପହଞ୍ଚାଇଥାଏ । ପୂର୍ବତଟ ରେଳପଥ ସମସ୍ତ ଯାତ୍ରୀ ଏବଂ ନାଗରିକଙ୍କୁ ଟ୍ରେନରେ ଆଲାର୍ମ ଚେନ୍ ଅପବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରୁଛି । ସମସ୍ତଙ୍କ ହିତ ପାଇଁ ସୁରକ୍ଷିତ, ସମୟାନୁବର୍ତ୍ତୀ ଏବଂ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ପ୍ରକୃତ ସହଯୋଗ ଜରୁରୀ ।

## ଉତ୍କଳ ଆଲୁମିନା ପକ୍ଷରୁ ରୋଷ୍ଟେଡ ମାଣ୍ଡିଆ ୟୁନିଟ୍ ଉଦଘାଟିତ

# ମାଣ୍ଡିଆ ପ୍ରକ୍ରିୟାକରଣ ଜରିଆରେ ମହିଳା ହେବେ ସ୍ୱାବଲମ୍ବୀ



ରାୟଗଡ଼ା, ନ୍ୟୁଜ ବ୍ୟୁରୋ

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ଶତପ୍ରତିଶତ ସହଯୋଗୀ କମ୍ପାନୀ, ଚକୋଲାକା ସହଭାଗିତାରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ୍ ସ୍ଥାନୀୟ ବିଲାମାଳ ଠାରେ ଉଦଘାଟିତ ହୋଇଯାଇଛି। ଅଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭଶୀଳ କରି ଜୀବିକା ପ୍ରଦାନ ଦିଗରେ କମ୍ପାନୀ ପକ୍ଷରୁ ଏହି ପ୍ରୟାସ କରାଯାଇଛି । ୟୁଏଆଇଏଲ ସିଏସଆର୍ ଅଧୀନ ଗ୍ରାମ ଗୁଡ଼ିକରେ ମହିଳାଙ୍କୁ ଜୀବିକା ପ୍ରଦାନ ଉଦ୍ଦେଶ୍ୟରେ ଏହା ପ୍ରାରମ୍ଭ ହୋଇଛି । ଉକ୍ତ ୟୁନିଟ୍ ଦ୍ୱାରା ମାଣ୍ଡିଆକୁ ବିଭିନ୍ନ ପଦ୍ଧତି ଅବଲମ୍ବନ କରି ଦୈନନ୍ଦିନ ବ୍ୟବହୃତ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ତିଆରି କରି ଏହାକୁ ଆକର୍ଷଣୀୟ ପ୍ୟାକେଜ ଜରିଆରେ ରାଜ୍ୟ ସମେତ ଜାତୀୟ ତଥା ବିଦେଶ ବଜାରରେ ଏହାର ବିକ୍ରୟ କରାଯିବା ନେଇ ଯୋଜନା ରହିଛି। ଆଗାମୀ ଦିନରେ ଉତ୍ପାଦନ ପ୍ରକ୍ରିୟା ଉତ୍ସାହଜନକ ହେଲେ ଏହା କାଶୀପୁର ବ୍ଲକର ଅନ୍ୟ ସ୍ଥାନରେ ପ୍ରତିଷ୍ଠା କରାଯିବା ସହ ଅଧିକ ମହିଳାଙ୍କୁ ଏହି ପ୍ରକଳ୍ପ ଜରିଆରେ ସାମିଲ କରାଯିବା ନେଇ ଯୋଜନା ହୋଇଛି। ଉକ୍ତ ରୋଷ୍ଟେଡ୍ ମିଲେଟ ୟୁନିଟ୍ ଦ୍ୱାରା ସ୍ଥାନୀୟ ଗ୍ରାମର ମହିଳାଙ୍କୁ ଚକୋଲାକା ଦ୍ୱାରା ସ୍ୱାବଲମ୍ବୀ କରିଥିବାରୁ ଉତ୍କଳ ଆଲୁମିନାର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିଜୟ କୁମାର ସଏ । ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଜରିଆରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଉତ୍କଳ ଆଲୁମିନାର ଏହା ଉତ୍ତମ ପ୍ରୟାସ। ଯଦ୍ୱାରା ମହିଳାମାନେ ସିଧାସଳଖ ରୋଜଗାର ପାଇବା ସହିତ ଆର୍ଥିକ ଉପାର୍ଜନ କରି ପରିବାର ଚଳାଇବାରେ ସାହାଯ୍ୟ କରିବେ । ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବା ସହିତ ଅଧିକ ମହିଳାଙ୍କୁ ଏହି ପ୍ରକଳ୍ପ ଦ୍ୱାରା ସାମିଲ ନିମନ୍ତେ ଶ୍ରୀ ସଏ ପ୍ରକାଶ କରିଛନ୍ତି। ସେହିପରି ହିଣ୍ଡାଲକୋ ସିଏସଆର୍ କ୍ଲଷ୍ଟର ମୁଖ୍ୟ ଶ୍ରୀ ଶିବ ଶଙ୍କର ମହାପାତ୍ର କହିଛନ୍ତି ଯେ, କୌଣସି ମହିଳା ଆର୍ଥିକ ରୂପେ ପାରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର ନହୋଇ କୌଶଳ ପ୍ରଶିକ୍ଷଣ ଜରିଆରେ ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ ଭାବେ ସ୍ୱାବଲମ୍ବନ ହେବା ଉଚିତ୍ । ଏହି କ୍ରମରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ ମହିଳାଙ୍କୁ ଆର୍ଥିକ ରୂପେ ସ୍ୱାବଲମ୍ବୀ କରିବା ପାଇଁ ଏହା ପ୍ରୟାସ । ଏହା ଆରମ୍ଭ ମାତ୍ର, ଯଦି ଆଗାମୀ ଦିନରେ ସବୁ ସାମାନ୍ୟ ରହେ। ଏହାକୁ କାଶୀପୁର ବ୍ଲକର ଅନ୍ୟ ଗ୍ରାମରେ ମଧ୍ୟ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ୟୁଏଆଇଏଲ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସିଏସଆର ବିଭାଗ ତରଫରୁ ଅବିରତ ଭାବେ ସ୍ଥାନୀୟ ପ୍ରଭାବିତ ଓ ପାର୍ଶ୍ୱସ୍ଥ ଗ୍ରାମରେ ଅନେକ ଜୀବିକା ତଥା ଭିତ୍ତିଭୂମି ବିକାଶ ପାଇଁ ସକ୍ରିୟ ଭୂମିକା ନିର୍ବାହ କରିଛି । ଏହି ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର୍ ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ହାଡ଼ିଗୁଡା ସରପଞ୍ଚ ଯଦୁମଣି ମାଝୀ, ମାନବ ସମ୍ବଳ ମୁଖ୍ୟ ଶ୍ରୀ ନାରାୟଣ ମିତ୍ରା, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି, ପରିବେଶ ବିଭାଗ ମୁଖ୍ୟ ଶ୍ରୀ ସୁରେନ୍ଦ୍ର ସେରନଙ୍କ ସମେତ ଚକୋଲାକା ଅନୁଷ୍ଠାନ ତରଫରୁ ରିତା ବଳିଆରସିଂ ଓ ଶାନ୍ତା ବଳିଆରସିଂ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ଏଚ ଏଲଡିସି ଚନ୍ଦନ ଚୌଧୁରୀ ଏବଂ ସିଏସଆର ଟିମର ସଦସ୍ୟ କର୍ତ୍ତିକେଶ୍ୱର ସାହୁ, ରୁପେନ ପଟ୍ଟନାୟକ, ମନୋଜ ଦାସ, ସୋମ୍ୟଜିତ ସ୍ୱାଇଁ, ସୁବାଷ ଚନ୍ଦ୍ର ନାଏକ, ସତ୍ୟଭାମା ନାୟକ, ଆଶିଷ କୁମାର ସାହୁ, ଗଜେନ୍ଦ୍ର ନାଏକ, ବିନୋଦ ପୂଜାରୀ, ମୌସୁମୀ ଦାସ, ସୁସ୍ମିତା କୋଶଲା, ମୋହିନୀ ନାଏକ, ନିରୁପମା ବାରିକ, କାମଦେବ, ହେମଲତା ସୋଉନ୍ତା ଓ ଗୌରୀ ପ୍ରମୁଖ ଉପସ୍ଥିତ ଥିଲେ ।




ଭୁବନେଶ୍ୱର : ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୨୩ତମ ସ୍ମୃତି ସମାରୋହରେ ଉଚ୍ଚଶିକ୍ଷା, ସଂସ୍କୃତି, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଇଷ୍ଟର୍ଣ୍ଣ ମିଡ଼ିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଓ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ 'ସଚିତ୍ର ଓଡ଼ିଶା ଇତିହାସ'ର ରଚୟିତା ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଭିଜିଲାନ୍ସ ଜାଲରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲାଞ୍ଚ ନେବା ପଡ଼ିଲା ମହଙ୍ଗା । ଧରାପଡ଼ିଲେ ଭୁବନେଶ୍ୱର ଟିପିସିଓଡିଏଲ୍ ଅଫିସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ । ଟ୍ରାନ୍ସଫର୍ମରକୁ ବିଦ୍ୟୁତ ଯୋଗାଣ ପାଇଁ ଚୂଡ଼ାନ୍ତ ଯାଞ୍ଚ ରିପୋର୍ଟ ଦେବାକୁ ଠିକାଦାରଙ୍କଠାରୁ ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଲା ଭିଜିଲାନ୍ସ । ଏହି ଚଢଉ ପରେ ତାଙ୍କ ୩ଟି ଠିକଣାରେ ଏକକାଳୀନ ରେଡ୍ କରୁଛି ଭିଜିଲାନ୍ସ ଟିମ୍ ।

ସୂଚନା ମୁତାବକ, ଏକ ଆପାର୍ଟମେଣ୍ଟର ଟ୍ରାନ୍ସଫର୍ମରକୁ ବିଦ୍ୟୁତ ଯୋଗାଣ ପାଇଁ ଚୂଡ଼ାନ୍ତ ଯାଞ୍ଚ ରିପୋର୍ଟ ଦେବାକୁ ଠିକାଦାର ଜଣକ ଟିପିସିଓଡିଏଲ୍ ଅଫିସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ରିପୋର୍ଟ ପ୍ରଦାନ କରିବା ପାଇଁ ତୁଷାରକାନ୍ତ ରାୟ ସମ୍ପୃକ୍ତ ଠିକାଦାରଙ୍କୁ ୨୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଅନ୍ୟ କୌଣସି ଉପାୟ ନପାଇ ଠିକାଦାର ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଅଭିଯୋଗ କରିବା ପରେ ବୁଧବାର ବିଳମ୍ବିତ ରାତିରେ ଲାଞ୍ଚ ନେଉଥିବା ବେଳେ ଅତର୍କିତ ଚଢଉ କରିଛି ଭିଜିଲାନ୍ସ ଟିମ୍ । ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି ।

ଏହି ଚଢଉ ପରେ ତାଙ୍କ ୩ଟି ଠିକଣାରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢାଉ କରୁଛି । ଛାନ୍‌ଭିନ୍ ବେଳେ ତାଙ୍କ ବାସଭବନରୁ ୯,୫୩,୨୦୦ ଟଙ୍କା ମିଳିଛି । ଏହା ସହ ଅନେକ ସୁନା ଅଳଙ୍କାର ମଧ୍ୟ ଠାବ ହୋଇଛି ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପାଇଁ ଜନସଚେତନତା ରାଲି

# ଶ୍ରମଦାନ ସହିତ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ' ପାଳନ ଅଭିଯାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ




'ଏକ ଦିନ, ଏକ ଘଣ୍ଟା, ଏକ ସାଥ' ଦେଶବ୍ୟାପୀ ଅଭିଯାନର ଅଂଶ ସ୍ୱରୂପ ଆଜି ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନରେ ଏକ ଜନସଚେତନତା ରାଲି ଏବଂ ଶ୍ରମଦାନ ଆୟୋଜନ କରାଯାଇଥିଲା । ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ଆଜି ପୂର୍ବାହ୍ନରେ ଖରଡ଼ା ରୋଡ୍ ରେଳ ଷ୍ଟେସନ ଠାରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପି. କେ. ବେହରା ଏବଂ ଶ୍ରୀ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହ ସମସ୍ତ ଶାଖା ଅଧିକାରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉତ୍ସାହଜନକ ଅଂଶଗ୍ରହଣରେ ଏହି ଅଭିଯାନର ନେତୃତ୍ୱ ନେଇଥିଲେ । ଏହି ରାଲିରେ ସ୍ୱଚ୍ଛତା, ପରିମଳ ଏବଂ ରେଳ ପରିସରରେ ପ୍ଲାଷ୍ଟିକ୍ ବ୍ୟବହାରକୁ ନିରୁତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ତ୍ରିପାଠି ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ପ୍ଲାଷ୍ଟିକ୍ ବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବା ପାଇଁ ଯାତ୍ରୀମାନଙ୍କୁ ପରିବେଶ ଅନୁକୂଳ ଝୋଟ ବ୍ୟାଗ ବଣ୍ଟନ କରିଥିଲେ । ସଚେତନତା ରାଲି ପ୍ଲାଟଫର୍ମ ନମ୍ବର ୧ ର ନୂତନ ପ୍ରବେଶ ପଥରୁ ଆରମ୍ଭ ହୋଇ ପୁରୁଣା ପ୍ରବେଶ ପଥ ଦେଇ ଆଗକୁ ବଢ଼ି ରେଳ କୋଚ୍ କ୍ୟାଣ୍ଟିନ୍ ସମ୍ମୁଖରେ ଶେଷ ହୋଇଥିଲା । ରେଳ କୋଚ୍ କ୍ୟାଣ୍ଟିନ୍ ଅଞ୍ଚଳରେ ଏହାର ଆଖପାଖ ସ୍ଥାନ ଏବଂ ସାଇକେଲ ଷ୍ଟାଣ୍ଡ ମାନଙ୍କରେ ଏକ ବିଶାଳ ଶ୍ରମଦାନ ଅଭିଯାନ କରାଯାଇଥିଲା । ଏହା ସହିତ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମଧ୍ୟ ରେଳ କଲୋନୀଗୁଡ଼ିକରେ ଘର ଘର ବୁଲି ସଚେତନତା ଅଭିଯାନ ଆରମ୍ଭ କରିଥିଲା ଯାହାଦ୍ୱାରା ବାସିନ୍ଦାମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ ବିଷୟରେ ସଚେତନ କରାଯାଇଥିଲା । ଏହି ପଦକ୍ଷେପରେ ସାମୂହିକ ଅଂଶଗ୍ରହଣ ଦେଖାଯାଇଥିଲା ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶର ଦୃଷ୍ଟିକୋଣ ପ୍ରତି ପୂର୍ବତଟ ରେଳବାଇର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରାଯାଇଥିଲା ।

CAD-1871

**NOTICE INVITING TENDER**
**Office of Chief CSO/ CSO-cum-District Managers Odisha State Civil Supplies Corporation Ltd.**
**District BARGARH**

**Tender No. for Paddy and CMR Transport Contractor for KMS 2025-26 & Level-II Transport Contractor for the for biennial 2025-27:**

Ambabhona Block-4190/23.09.2025
Attabira Block -4191/23.09.2025
Bargarh Block-4192/23.09.2025
Barpali Block -4193/23.09.2025
Bhatli Block-4194/23.09.2025
Bheden Block-4195/23.09.2025
Bijepur Block -4196/23.09.2025
Gaisilet Block-4197/23.09.2025
Jharbandh Block -4198/23.09.2025
Paikmal Block -4199/23.09.2025
Rajborasambar Block -4200/23.09.2025
Sohela Block-4201/23.09.2025
Bargarh Municipality (L-II TC) 4185/23.09.2025
Bargarh Block (L-II TC)-4186/23.09.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through ONLINE MODE ONLY on e-procurement portal www.tendersodisha.gov.in for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of Paddy from Paddy Purchase Centres (PPCs) / Mandis to Rice Mill points in Bargarh District & Custom Miller Rice (CMR) from Rice Mills points to Rice Receiving Centers (RRCs)/Depots in Bargarh District for the KMS 2025-26 and Selection and Appointment of Level-II Transport Contractors for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) for Bargarh Block & Bargarh Municipality in Bargarh District for biennial 2025-27. |
| 2 | Availability of tender documents in the portal | From Dt. 25.09.2025 5:00 PM |
| 3 | Last date & time for receipt of complete Tender Documents in the portal | Dt.16.10.2025 Up to 5:00 PM |
| 4 | Date & time for opening of Technical Bid | Dt.17.10.2025 at 11:00 AM |
| 5 | Name & address of the Officer Inviting Tender | District Manager, OSCSC Ltd., Bargarh |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

**Chief CSO-cum-District Manager**
OIPR-07036/11/0012/2526 **OSCSC Ltd., Bargarh**

E-408

**Zilla Swasthya Samiti, Bargarh**
Dept. of Health & Family Welfare, Govt. of Odisha
O/o CDM&PHO, Bargarh-768028
Phone/Fax: 06646-231763

Advt. No. 77 /NHM/2025-26 Date:24/09/2025

**TENDER CALL NOTICE**

Sealed tenders are invited from individuals/Tour Operators/Travel Agency / Society / Firm for hiring of commercial light diesel vehicles on a monthly & daily basis of District Programme Management Unit (DPMU), NHM, Bargarh. Details regarding eligibility criteria, terms & conditions and the formats for submission of bids (Technical & Price bid) are mentioned in the tender document which may be downloaded from the website: www.bargarh.odisha.gov.in. Interested agencies have to submit their tenders in a sealed envelope super-scribing on the top of the sealed envelope as **"Tender for Hiring of Vehicles on Monthly & Daily Basis in pursuance to advertisement no:77/Dt:24/09/2025"**. The tenders should reach to the office of the undersigned by Dt.18/10/2025 (till 4 P.M.) through Speed Post/Regd. Post/Courier only. Sealed Tenders will be opened on Dt.23/10/2025 at 11.00 AM. The undersigned reserves the right to reject any or all the tenders without assigning any reason thereof. The undersigned reserves the right to reject any or all the tenders without assigning any reason thereof. The authority will not held responsible for any postal delay.

Sd/-
OIPR-10124/11/0025/2526 CDM&PHO cum DMD, NHM, Bargarh

